ଧରିତ୍ରୀ
DHARITRI
ବ୍ରହ୍ମପୁର, ବୁଧବାର, ୫ ଜୁନ, ୨୦୧୯



■ ଦାରିଙ୍ଗବାଡ଼ିରେ ଉଦ୍ୟାନ କୃଷି ପ୍ରତି ବଢୁଛି ଆଗ୍ରହ

# ସ୍ୱତନ୍ତ୍ର ପରିଚୟ ଦେଇଛି ଲିଚୁ, ଆମ୍ବ ଚାଷ

ଦାରିଙ୍ଗବାଡି,୪।୬(ଡି.ଏନ.ଏ)


ଲିଚୁ ବଗିଚା

ଦାରିଙ୍ଗବାଡି ଅଞ୍ଚଳକୁ ଏବେ ଲିଚୁ ଏବଂ ଆମ୍ବ ଚାଷ ସ୍ୱତନ୍ତ୍ର ପରିଚୟ ଦେଇଛି। ଦାରିଙ୍ଗବାଡିର ଲିଚୁ ଏବଂ ଆମ୍ବର ଚାହିଦା ଜିଲା ତଥା ଜିଲା ବାହାରେ ରହିଛି। ଜୈବିକ ପଦ୍ଧତିରେ ଏହି ଚାଷ କରାଯାଉଥିବାରୁ ଏହାର ଚାହିଦା ବଢୁଛି। ସରକାରଙ୍କ ପକ୍ଷରୁ ଉଦ୍ୟାନ ଭିତ୍ତିକ ଚାଷକୁ ଅଞ୍ଚଳରେ ଗୁରୁତ୍ୱ ଦିଆଗଲା। ଏଥିପାଇଁ କୃଷକମାନଙ୍କୁ ତାଲିମ ସହ ଚାରା ଉତ୍ପାଦନ, ଜୈବିକ ପଦ୍ଧତିରେ ଚାଷପ୍ରଣାଳୀ ଶିକ୍ଷା ଦିଆଗଲା। ପନିପରିବା ଚାଷକୁ ପ୍ରଥମେ ଗୁରୁତ୍ୱ ଦିଆଯାଇ ବନ୍ଧା, ଫୁଲ କୋବି, ବିନ୍, ଭେଣ୍ଡି, ଜହ୍ନି, ପୋଟଳ ଆଦି ଚାଷ କରିବା ପାଇଁ ଚାଷୀଙ୍କୁ ଉତ୍ସାହିତ କରାଯାଉଥିଲା। ପରେ ଉଦ୍ୟାନ ଭିତ୍ତିକ ଚାଷପ୍ରତି ଆଗ୍ରହ ବୃଦ୍ଧି ପାଇବାରୁ ଆମ୍ବ ଓ ପରେ ଲିଚୁ ଚାଷକୁ ଗୁରୁତ୍ୱ ଦିଆଗଲା। ଏଥିପାଇଁ ଚାଷୀଙ୍କୁ ଆମ୍ବ ବଗିଚା କରିବାକୁ ତାରବାଡ ସହ ଚାରା ଯୋଗାଇ ଦିଆଗଲା। ଏହାର ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ସାର, ଏବଂ ଅର୍ଥ ମଧ୍ୟ ଯୋଗାଇଦିଆଗଲା। ଅନେକ ଚାଷୀ ଆମ୍ବଚାଷ କରି ଲାଭବାନ ହେଲେ। ୨୦୧୦ରେ ପରୀକ୍ଷାମୂଳକ ଭାବେ ନାବାର୍ଡର ଆର୍ଥିକ ସହାୟତା ସହ ସ୍ଥାନୀୟ ଜାଗୃତି ସହଯୋଗରେ ଲିଚୁ ଚାଷ ପାଇଁ ଚାରା ଯୋଗାଇ ଦିଆଯାଇଥିଲା। ବ୍ଲକର ଦନେକବାଡି ପଞ୍ଚାୟତର ୨୦ ଚାଷୀଙ୍କୁ ୧୨ଟି ଲେଖାଏ ଲିଚୁ ଚାରା ଯୋଗାଇଦିଆଯାଇଥିଲା। ତେବେ ଗତ ୨ବର୍ଷ ହେଲା ଫଳ ଧରିବା ଆରମ୍ଭ କରିଥିବାବେଳେ ଚଳିତ ବର୍ଷ ଭଲ ଫଳ ଧରିଛି। ଦାରିଙ୍ଗବାଡି ଜଳବାୟୁରେ ଲିଚୁ ଚାଷ ସଫଳ ହେଉଥିବାରୁ ଚାଷୀ ଏବେ ଲିଚୁ ଓ ଆମ୍ବ ଚାଷ ପ୍ରତି ମନ ବଳାଉଛନ୍ତି। ଦାରିଙ୍ଗବାଡି ଉଦ୍ୟାନ ବିଭାଗ ମଧ୍ୟ ନିଜ କାର୍ଯ୍ୟାଳୟ ପରିସରରେ ୨ ଏକର ଜମିରେ ଏହି ଚାଷ ସଫଳତାର ସହ କରି ସେଠାରେ ଚାଷୀଙ୍କୁ ତାଲିମ ପ୍ରଦାନ କରୁଛି। ଏଭଳି ଏକ ଲାଭଜନକ ଚାଷକୁ ସରକାରୀ ସହାୟତା ଏବଂ ସରକାରଙ୍କ ତରଫରୁ ଲିଚୁ ଚାଷକୁ ଆଗେଇନେବାର ସମୟ ଆସିଛି ବୋଲି ସ୍ଥାନୀୟ କୃଷକ ଟାମିଆ ବିଛାଣି କୁହନ୍ତି।

ସୂଚନାଯୋଗ୍ୟଯେ, ବ୍ଲକରେ ୨୫ ପଞ୍ଚାୟତରୁ ଗୋଟିଏ ପଞ୍ଚାୟତରେ ଏହି ଚାଷ ପରୀକ୍ଷାମୁଳକ ଭାବେ କରାଯାଇଛି। ଅନ୍ୟ ପଞ୍ଚାୟତର ଚାଷୀ ଆଗ୍ରହ ଥିବାବେଳେ ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି। ଏନେଇ ବାଲିଗୁଡା ଉପଖଣ୍ଡ ଉଦ୍ୟାନ ବିଭାଗ କାର୍ଯ୍ୟାଳୟର ଅତିରିକ୍ତ ନିର୍ଦ୍ଦେଶକ ରମାକାନ୍ତ ଗିରି କୁହନ୍ତି, ଚାଷୀଙ୍କ ଚାହିଦା ପ୍ରକାରେ ଚଳିତବର୍ଷ ଅଧିକ ଲିଚୁଚାଷ କରାଯାଇଛି। ତେବେ ଦାରିଙ୍ଗବାଡି ସମେତ ତୁମୁଡିବନ୍ଧ, କୋଟଗଡ, ବାଲିଗୁଡା, କ.ନୂଆଗାଁ, ରାଇକିଆ, ଜି.ଉଦୟଗିରି, ଟିକାବାଲି ଏବଂ ଚକାପାଦ ବ୍ଲକ ଅଞ୍ଚଳରେ ୨ଶହ ହେକ୍ଟର ଜମିରେ ଲିଚୁ ଚାଷ କରାଯିବାକୁ ଲକ୍ଷ ରଖାଯାଇଥିଲା, କିନ୍ତୁ ୧୦୯ ହେକ୍ଟର ଜମିରେ ଚାଷ କରାଯାଇଛି। କେବଳ ଦାରିଙ୍ଗବାଡିରେ ପ୍ରାୟ ୩୦ ହେକ୍ଟର ଜମିରେ ଚାଷ ହୋଇଛି। ଚଳିତବର୍ଷ ସାଧାରଣ ନିର୍ବାଚନ ଥିବାରୁ ବିଭାଗର ଜି.ଉଦୟଗିରି ବ୍ଲକ କଳିଙ୍ଗା ଫାର୍ମ ସମେତ ୯ ବ୍ଲକର ଚାଷୀଙ୍କ ପ୍ରାୟ ୧୦ଲକ୍ଷ ଟଙ୍କାର ଲିଚୁ ବିକ୍ରିରେ ବିଳମ୍ବ ହୋଇଛି, ଖୁବଶୀଘ୍ର ନିଲାମ ଡକାଯାଇ ଏହାକୁ ବିକ୍ରି କରାଯିବ।

## ଏମ୍‌ପି, ବିଧାୟକଙ୍କୁ ସମ୍ବର୍ଦ୍ଧନା


ରାଇକିଆରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

ଜି.ଉଦୟଗିରି/ଶଙ୍କରାଖୋଲ/ରାଇକିଆ, ୪।୬(ଡି.ଏନ.ଏ.)

କନ୍ଧମାଳର ନବନିର୍ବାଚିତ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଓ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁରଙ୍କୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧିତ କରାଯାଇଛି। ଜି.ଉଦୟଗିରି ଟାଉନ ହଲଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭା ବିଜେଡି ନଗର ସଭାପତି କ୍ରିଷ୍ଣା କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲା ବିଜେଡି ସଭାପତି କାଳୁ ଚରଣ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଦୀପ୍ତିରେଖା ପ୍ରଧାନ, ରାଇକଲା ସରପଞ୍ଚ ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜି.ଉଦୟଗିରିର ବିଭିନ୍ନ ସମସ୍ୟା ନେଇ ଏମ୍‌ପି ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

ସେହିପରି ଟିକାବାଲି ହାଟପଦା ପଡିଆରେ ଥିବା ଜନଜାତି ହାଟ ଗୃହରେ ଏମ୍‌ପି ସାମନ୍ତ ଓ ବିଧାୟକ ପ୍ରଧାନଙ୍କ ସମେତ ଫୁଲବାଣୀ ବିଧାୟକ ଅଙ୍ଗଦ କହଁରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ଲକ ବିଜେଡି ସଭାପତି ରଦନ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୁଚିତ୍ରା ପ୍ରଧାନ, ଚକାପାଦ ବ୍ଲକ ଅଧ୍ୟକ୍ଷ ପ୍ରଭଞ୍ଜନ କହଁର ପ୍ରମୁଖ ଉପସ୍ଥିତ ଥିଲେ। ରାଇକିଆ ବ୍ଲକ ବିଜେଡ଼ି ପକ୍ଷରୁ ଟାଉନ ହଲ ଠାରେ ଅନୁଷ୍ଠିତ ସଭାରେ ବ୍ଲକ ସଭାପତି ରାଜମୋହନ ଦିଗାଳ ଅଧ୍ୟକ୍ଷତା କରିଥିଲେ।

### ପୋଡିହୋଇ ୨ ଗୁରୁତର

**ରାଇକିଆ,୪।୬(ଡ଼ି.ଏନ.ଏ):** ରାଇକିଆ ଅଞ୍ଚଳରେ ମଙ୍ଗଳବାର ୨ଟି ପୃଥକ ଘଟଣାରେ ନିଆଁରେ ପୋଡ଼ି ହୋଇ ୨ଜଣ ଗୁରୁତର ହୋଇଛନ୍ତି। ମଣ୍ଡାସର ଗ୍ରାମର ଅଞ୍ଜଳି ନାୟକ ନାମକ ଜଣେ ମହିଳା କିରୋସିନିରେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ତାଙ୍କ ଶରୀରର ୬୦ପ୍ରତିଶତ ପୋଡ଼ି ଯାଇଥିବାରୁ ପ୍ରଥମେ ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଫୁଲବାଣୀ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ସେ କିପରି ପୋଡିହେଲେ ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟଏକ ଘଟଣାରେ ମଣ୍ଡାକିଆର ରିଜିମା ପ୍ରଧାନ ଘରେ ରୋଷେଇ କରୁଥିବା ବେଳେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ତାଙ୍କୁ ମଧ୍ୟ ପ୍ରଥମେ ରାଇକିଆ ମେଡ଼ିକାଲ ଏବଂ ପରେ ଫୁଲବାଣୀ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

### କେନ୍ଦୁପତ୍ର ଫଡ଼ିରେ ନିୟମକୁ ଫୁ ଶିଶୁ ଶ୍ରମିକ ନିୟୋଜିତ କରି ଅର୍ଥ ଆତ୍ମସାତ୍ ମସୁଧା



**ବାଲିଗୁଡ଼ା,୪।୬(ଡି.ଏନ୍.ଏ.):** ସରକାରଙ୍କ ନିର୍ଦ୍ଦେଶକୁ ଫୁ କରି ବାଲିଗୁଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଶିଶୁ ଶ୍ରମିକ ନିୟୋଜନ ଚାଲିଛି। କୋମଳମତି ପାଠ ପଢୁଆ ପିଲାଙ୍କୁ ଟଙ୍କା ଲୋଭ ଦେଖାଇ କାମରେ ନିୟୋଜିତ କରାଯାଉଛି। ପ୍ରଶାସନ ଆଢୁଆଳରେ ଏଭଳି କାମ ଚାଲିଛି। କିଛି ଦିନ ତଳେ ବାରଖମା ପଞ୍ଚାୟତ ବିରାଗୁଡ଼ା ଏବଂ ଲଣ୍ଡାଗାଁ ପଞ୍ଚାୟତ ଘୋଡ଼ାବାଲି କେନ୍ଦୁପତ୍ର ଫଡ଼ିରେ ଶିଶୁ ଶ୍ରମିକ ନିୟୋଜିତ ହୋଇଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ପୁଣି ଏଭଳି ଏକ ଘଟଣା ସାମନାକୁ ଆସିଛି। ବ୍ଲକ ଅନ୍ତର୍ଗତ ଲଣ୍ଡାଗାଁ ପଞ୍ଚାୟତ ଚାଙ୍ଗୁରବାଲି କେନ୍ଦୁପତ୍ର ଫଡ଼ିରେ ଅଞ୍ଚଳର ପାଠ ପଢୁଆ ଛୋଟ ପିଲାଙ୍କୁ କାମରେ ନିୟୋଜିତ କରାଯାଇଛି। ପିଲାଙ୍କୁ ପାରିଶ୍ରମିକ ବାବଦ ଦୈନିକ ୫୦ରୁ ୧୦୦ଟଙ୍କା ପର୍ଯ୍ୟନ୍ତ ଦେଇ ଅର୍ଥ ଆତ୍ମସାତ କରିବାକୁ ପ୍ରୟାସ ଚଳାଇଛନ୍ତି ଜଣେ ସରକାରୀ ବାବୁ।ବାରମ୍ବାର ଏଭଳି ଘଟଣା ସାମନାକୁ ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସମଗ୍ର ଅଞ୍ଚଳରେ ଏହା ଆଲୋଚ୍ୟର ବିଷୟ ହୋଇଛି। ଏ ସମ୍ପର୍କରେ କେନ୍ଦୁପତ୍ର ବିଭାଗର ବାଲିଗୁଡ଼ା ରେଞ୍ଜରଙ୍କ ପ୍ରତିକ୍ରିୟା ନେବା ପାଇଁ ବାରମ୍ବାର ଚେଷ୍ଟା କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ଅନ୍ୟପକ୍ଷରେ ଫଡ଼ି କାର୍ଯ୍ୟର ଦାୟିତ୍ୱରେ ଥିବା ମୁନ୍‌ସି ବିଶ୍ୱାମିତ୍ର ପାତ୍ର କହିଛନ୍ତି, ପିଲାମାନେ ଏଠାରେ ଖୁସିରେ ଆସି କାମ କରିଯାଉଛନ୍ତି। ଚାଇଲ୍ଡ ଲାଇନ୍‌ର କନ୍ଧମାଳ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରୁ ସେ ଏଭଳି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏହାର ତଦନ୍ତ କରି ପ୍ରଶାସନକୁ ଅବଗତ କରାଇବେ ବୋଲି କହିଥିଲେ। ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ଅନ୍ୱେଷା ଯୋଜନା: ୩ ସ୍କୁଲକୁ ଚିଠି, ଗୋଟିଏକୁ ଅନୁକମ୍ପା

# ଆଗରୁ ପଢ଼ାଉଥିଲେ, ଏବେ କାଢ଼ି ନେବେ

ଫୁଲବାଣୀ ଅଫିସ, ୪।୬

କନ୍ଧମାଳ ଜିଲାରେ ଅନ୍ୱେଷା ଯୋଜନାରେ ବ୍ୟାପକ ଜାଲିଆତି ଚାଲିଛି।୩ ବର୍ଷ ଧରି ଜିଲା ମଙ୍ଗଳ ବିଭାଗ ପକ୍ଷରୁ ସରକାରୀ ଗାଇଡ ଲାଇନକୁ ଉଲ୍ଲଂଘନ କରାଯାଇଛି।ଆରମ୍ଭରୁ ଚଳିତ ଶିକ୍ଷାବର୍ଷ ପର୍ଯ୍ୟନ୍ତ ଜିଲାର ୧୦ଟି ସ୍କୁଲରେ ଅନ୍ୱେଷା ଯୋଜନାରେ ପିଲାମାନେ ପଢୁଛନ୍ତି। ବିଶେଷ କରି ୪ଟି ସ୍କୁଲରେ ୧୦୦୦ରୁ ଉର୍ଦ୍ଧ୍ୱ ପିଲା ପଢୁଥିବା ବେଳେ ସେଥିରୁ ୩ଟି ସ୍କୁଲରୁ ସରକାରଙ୍କ ଗାଇଡ ଲାଇନ ଅନୁସାରେ ପିଲା କାଢ଼ି ନିଆଯିବ ବୋଲି ଜିଲା ମଙ୍ଗଳ ଅଧିକାରୀ ଚିଠି କରିଛନ୍ତି। ଗାଇଡ ଲାଇନକୁ ଦେଖିଲେ ଆଉ ଏକ ସ୍କୁଲ ହଂସିକାରୁ ମଧ୍ୟ ପିଲା କାଢ଼ି ନିଆଯିବା କଥା। ହେଲେ ତାହାକୁ ବାଦ ଦିଆଯାଇଥିବାରୁ ସାଧାରଣରେ ପ୍ରଶ୍ନବାଚୀ ହୋଇଛି।

୨୦୧୬ରୁ ଜିଲାରେ ଆରମ୍ଭ ହୋଇଛି ଅନ୍ୱେଷା ଯୋଜନା।ଗ୍ରାମାଞ୍ଚଳର ଗରୀବ ଛାତ୍ରୀଛାତ୍ରଙ୍କୁ ସହରାଞ୍ଚଳ ଇଂଲିଶ ମିଡିୟମ ସ୍କୁଲ ପିଲାଙ୍କ ସହ ସମକକ୍ଷ କରିବା ଏହି ଯୋଜନାର ମୂଳ ଉଦ୍ଦେଶ୍ୟ।ତେବେ ଏଥିଲାଗି ସରକାରଙ୍କ କଡାକଡି ନିୟମ ରହିଛି। ନିୟମ ଅନୁସାରେ ସହରାଞ୍ଚଳ/ଜିଲା ମୁଖ୍ୟାଳୟରେ ଥିବା ସ୍କୁଲରେ ଅନ୍ୱେଷା ଯୋଜନାରେ ମନୋନୀତ ଛାତ୍ରୀଛାତ୍ରଙ୍କୁ ପଢ଼ାଯିବ।ଏହି ଯୋଜନାରେ ଜିଲାର ୧୦ଟି ସ୍କୁଲରେ ପିଲା ପଢୁଛନ୍ତି। ସେଥିମଧ୍ୟରୁ ୪ଟି ଯଥା ଜି.ଉଦୟଗିରି ଇଡେନ ପବ୍ଲିକ ସ୍କୁଲରେ ୧୧୯, ମାଉଣ୍ଟ କାରମେଲ ଇଂଲିଶ ମିଡିୟମ ସ୍କୁଲରେ ୨୧୪, ଟିକାବାଲି କଳିଙ୍ଗ ଶିଶୁ ବିହାର(ସେବା)ରେ ୪୩୯ ଏବଂ ଖଜୁରିପଡା ହଂସିକା ଇଂଲିଶ ମିଡିୟମ ସ୍କୁଲରେ ୩୦୦ ପିଲା ପଢୁଛନ୍ତି। ଗତ ୨୨ ତାରିଖରେ ଜିଲା ମଙ୍ଗଳ ଅଧିକାରୀ ଚିଠି ନଂ ୧୭୯୦ରେ କେବଳ ହଂସିକାକୁ ଛାଡି ଅନ୍ୟ ୩ଟି ସ୍କୁଲର ପ୍ରିନ୍ସିପାଲଙ୍କୁ ଜଣାଇଛନ୍ତି ଯେ, ସ୍କୁଲ ସହରାଞ୍ଚଳ/ଜିଲା ମୁଖ୍ୟାଳୟରେ ଅବସ୍ଥିତ ନୁହେଁ। ତେଣୁ ଅନ୍ୱେଷା ଯୋଜନାରେ ସେଠାରେ ପିଲା ପଢ଼ିପାରିବେ ନାହିଁ।ଯେଉଁ ପିଲା ଅଛନ୍ତି ସେମାନଙ୍କୁ କାଢି ନିଆଯିବ ଏବଂ ଚଳିତ ଶିକ୍ଷା ବର୍ଷରେ ନୂତନ ପିଲା ପଠାଯିବ ନାହିଁ।ତେବେ ଉକ୍ତ ୩ ସ୍କୁଲ ବର୍ଗରେ ହଂସିକା ସ୍କୁଲ ବି ଆସୁଥିଲେ ମଧ୍ୟ ତାହାକୁ ଅନୁକମ୍ପା ମୂଳରେ କ'ଣ ରହସ୍ୟ ଅଛି ତାହାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ ବୋଲି ଅନ୍ୟ ସ୍କୁଲର କର୍ମକର୍ତ୍ତା କହୁଛନ୍ତି। ଅନୁକମ୍ପା ପଛରେ ବହୁ ଅର୍ଥ କାରବାର ହୋଇଥିବା ସନ୍ଦେହ କରାଯାଉଛି।

ଏ ନେଇ ଜିଲା ମଙ୍ଗଳ ଅଧିକାରୀ ଚାରୁଲତା ମଲ୍ଲିକଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେବାକୁ ମନା କରି ଦେଇଛନ୍ତି। ସୂଚନାଯୋଗ୍ୟ, ଅନ୍ୱେଷା ଯୋଜନାରେ ସରକାର ପିଲାମାନଙ୍କୁ ମାଗଣାରେ ପାଠ ପଢ଼ାଉଛନ୍ତି। ସରକାରଙ୍କ ଗାଇଡ଼ ଲାଇନ ମୁତାବକ ସହରାଞ୍ଚଳରେ ଥିବା ଇଂଲିଶ ମିଡ଼ିୟମ ସ୍କୁଲ, ଯାହାର ସମସ୍ତ ପ୍ରକାର ଭିତ୍ତିଭୂମି ଥିବ ସେହି ସ୍କୁଲରେ ଉକ୍ତ ଯୋଜନାରେ ପିଲାମାନଙ୍କୁ ଭର୍ତ୍ତି କରି ପାଠ ପଢାଯିବ। ଗୋଟିଏ ପିଲା ପ୍ରତି ବର୍ଷକୁ ୨୫ ହଜାର ଟଙ୍କା ଟିଉଶନ ଫିସ୍ ଏବଂ ହଷ୍ଟେଲରେ ରହିବା ପାଇଁ ବର୍ଷକୁ ୨୦ ହଜାର ଟଙ୍କା ସରକାର ଦେଉଛନ୍ତି।

### ଧାର ଟଙ୍କାକୁ ନେଇ ବ୍ଲେଡରେ ଯୁବକଙ୍କ ବେକ କାଟିଲେ

ଭଞ୍ଜନଗର,୪।୬(ଡି.ଏନ.ଏ)

ଭଞ୍ଜନଗର ଥାନା ଗାମୁଣ୍ଡିରେ ମଙ୍ଗଳବାର ରାତି ପ୍ରାୟ ୯ଟାରେ ଜଣେ ଯୁବକଙ୍କ ବେକକୁ ବ୍ଲେଡ୍‌ରେ ଗ୍ରାମର ଅନ୍ୟଜଣେ ଯୁବକ କାଟିଦେଇଛନ୍ତି। ଆହତ ଯୁବକ ଜଣଙ୍କ ଭଞ୍ଜନଗର ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଧାର ଟଙ୍କା ମାଗିବାକୁ ନେଇ ଏହି ଘଟଣା ଘଟିଥିବା କୁହାଯାଉଛି। ଖବର ଲେଖା ହେବା ସୁଦ୍ଧା ଥାନାରେ ମାମଲା ହୋଇ ନ ଥିବା ଜଣାପଡିଛି।

# ୪ ବର୍ଷ ଧରି ପାନୀୟ ଜଳ ପ୍ରକଳ୍ପ ଅଚଳ

ଫିରିଙ୍ଗିଆ,୪।୬

ଫିରିଙ୍ଗିଆ ବ୍ଲକ କାଶିନିପଦର ପଞ୍ଚାୟତରେ ହୋଇଥିବା ଏକ ପାନୀୟ ଜଳ ପ୍ରକଳ୍ପ ୪ ବର୍ଷ ଧରି ଅକାମୀ ହୋଇ ପଡିଛି। ଫଳରେ ପାନୀୟ ଜଳ ପାଇଁ ମାଝିପଡା ଏବଂ ତଳପଡାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବାରୁ ସମସ୍ୟା ଆହୁରି ଜଟିଳ ହୋଇ ପଡିଛି। ହେଲେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସପ୍ତାହେ ମଧ୍ୟରେ ଅଚଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଇ ଲୋକଙ୍କୁ ପାଣି ଦିଆଯିବ ବୋଲି କହିଛନ୍ତି।

ପ୍ରକାଶ ଯେ, ୨୦୧୫-୧୬ରେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଏହି ପ୍ରକଳ୍ପ ହୋଇଥିଲା। ଗ୍ରାମବାସୀଙ୍କୁ ଜଳ ଯୋଗାଣ ପାଇଁ ପାଇପ ମଧ୍ୟ ବିଛା ଯାଇଥିଲା। ହେଲେ ପ୍ରକଳ୍ପ କାର୍ଯ୍ୟକାରୀ ହେବାର ୪ରୁ ୫ ମାସ ପର୍ଯ୍ୟନ୍ତ ଗ୍ରାମବାସୀ ପାଣି ପାଇଥିଲେ। ଏହାପରେ ପ୍ରକଳ୍ପ ଅଚଳ ହୋଇପଡିଥିଲା। ଏନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ପାହାଡ ଉପରେ ଥିବା ଝରଣା ପାଣିକୁ ବନ୍ଧାଇ ପାଇପ ସାହାର୍ଯ୍ୟରେ(ଗ୍ରାଭିଟି ୱାଟର ସପ୍ଲାଇ) ଜଳ ଯୋଗାଇବା ପାଇଁ ଏଠାରେ କାର୍ଯ୍ୟ ହୋଇଥିଲା। ଆମକୁ ୫ ମାସ ପାଣି ମିଳିଲା ପରେ ଆଉ ମିଳିଲା ନାହିଁ। ମାଝିପଡାର ନେଡି ସାହି, ଗୁଣ୍ଡୁରି ସାହି, ପଦର ସାହି, ତଳପଡାର ପ୍ରାୟ ୨୦୦ ଘର ଏହା ଉପରେ ନିର୍ଭର କରୁଥିଲୁ। ପ୍ରକଳ୍ପ ଅଚଳ ଯୋଗୁ ଆମେ ନଦୀ, କୂଆ ଏବଂ ୨/୩ଟି ନଳକୂପ ଉପରେ ଭରସା କରି ଚଳୁଛୁ। ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି ବୋଲି ଗ୍ରାମର ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ପ୍ରଧାନ, କାଳୀ କହଁର, ରମେଶ ଚନ୍ଦ୍ର କହଁର, ରଥ ପାତ୍ର ପ୍ରମୁଖ କହିଛନ୍ତି। ଏ ନେଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସଙ୍କୁ ପଚାରିବାରୁ ଏହି ପ୍ରକଳ୍ପ କେତେକ କାରଣରୁ ଅଚଳ ହୋଇ ପଡିଛି। ସପ୍ତାହେ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକ୍ଷମ କରି ଲୋକଙ୍କୁ ପାଣି ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।


ଅଚଳ ପ୍ରକଳ୍ପ।

### ଆମ ପୋଲିସ ସମିତି ବୈଠକ

ବୁଗୁଡ଼ା,୪।୬(ଡି.ଏନ.ଏ.)

ବୁଗୁଡ଼ା ଥାନା ପରିସରରେ ଆମ ପୋଲିସ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ଅଧ୍ୟକ୍ଷତା କରିଥିଲେ। ବୈଠକରେ ପୂର୍ବ ବିବରଣୀ ପାଠ ସହ ସମୀକ୍ଷା କରି ଗୃହୀତ ହୋଇଥିଲା।ବୁଗୁଡ଼ା ଏନଏସିରେ ମାଛ ବଜାରକୁ ସ୍ଥାନାନ୍ତର କରିବା ପାଇଁ ୩ ଦିନ ମଧ୍ୟରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ପୋଲିସ ସମିତି ସଦସ୍ୟ ସୁଧାଂଶୁ ପାଢ଼ୀ, ଥାନାଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିସହ ବୁଗୁଡ଼ାରେ ଉପୁଜିଥିବା ଟ୍ରାଫିକ ସମସ୍ୟା, ଗ୍ରାମାଞ୍ଚଳର ଛୋଟବଡ଼ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଆମ ପୋଲିସ ସମିତିର ସଦସ୍ୟମାନେ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଥିଲା। ବୈଠକରେ ଏସଆଇ ତନୁଶ୍ରୀ ସାହୁ, ଏଏସଆଇ ବାସୁଦେବ ସାହୁଙ୍କ ସମେତ ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ପଣ୍ଡିତ ସୀମାଞ୍ଚଳ ପଣ୍ଡା ଧନ୍ୟବାଦ ଦେଇଥିଲେ।

■ ପାନୀୟ ଜଳ ଯୋଗାଣରେ ଅବ୍ୟବସ୍ଥା

# ପାଇପ୍‌ରେ ଆସୁଛି ଗୋଳିଆପାଣି

ଜି.ଉଦୟଗିରି,୪।୬ (ଡି.ଏନ.ଏ.)

ଜି.ଉଦୟଗିରି ସହରରେ ଗୋଳିଆ ପାଣି ଆସୁଥିବା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ପାଇପ୍ ଯୋଗେ ଦିଆଯାଉଥିବା ପାନୀୟ ଜଳ ଗୋଳିଆ ହୋଇଥିବାରୁ ତାହା ପିଇବା ଉପଯୋଗୀ ନ ଥିବା ବେଳେ ଦୈନନ୍ଦିନ ବ୍ୟବହାର କରିବା ମଧ୍ୟ ସମ୍ଭବ ହେଉନାହିଁ। ପାଣି ବିଶୁଦ୍ଧ ପାଇଁ ପକାଯାଉଥିବା ଆଲାମ ସରି ଯାଇଥିବାରୁ ଏପରି ଅସୁବିଧା ହେଉଛି ବୋଲି କେତେକ କର୍ମଚାରୀ କହିବା ପରେ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ପ୍ରକାଶ ଯେ, ପ୍ରତ୍ୟେକ ଦିନ ପାଣି ରଖାଯାଉଥିବା ସମ୍ପରେ ୧୫୦ କେଜି ଆଲାମ, ୫୦ କେଜି ଚୂନ ଓ ୮ କେଜି ବ୍ଲିଚିଂ ପାଉଡର ପକାଯାଏ। କିନ୍ତୁ ଆଲାମ ନ ପକାଇବା ଫଳରେ ଗୋଳିଆ ପାଣି ଆସୁଥିବା ଅଭିଯୋଗ ହେଉଛି। କେତେବେଳେ ପମ୍ପ ଖରାପ ତ କେତେବେଳେ ବିଦ୍ୟୁତ୍ ନ ଥିବା ଯୋଗୁ ଜଳ ଯୋଗାଣ ବନ୍ଦ ରହୁଛି ଏବଂ କେତେବେଳେ ଗୋଳିଆ ପାଣି ଆସୁଛି। ଏ ସମ୍ପର୍କରେ ଫୁଲବାଣୀଠାରେ ଥିବା ପାନୀୟ ଜଳ ଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଦାଶଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଫୁଲବାଣୀଠାରେ ଆଲାମ ମହଜୁଦ ଅଛି। ଆଲାମ ସରି ଯାଇଥିବା ସମ୍ପର୍କରେ ସେ ଜାଣିନାହାନ୍ତି। ସଙ୍ଗେ ସଙ୍ଗେ ଆଲାମ ପକାଯାଇ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି କହିଥିଲେ। ବିଦ୍ୟୁତ୍ ନ ଥିଲେ ପାଣି ଯୋଗାଣରେ ଅସୁବିଧା ହେଉଥିବାରୁ ଜି.ଉଦୟଗିରିକୁ ଏକ ଜେନେରେଟର ଯୋଗାଇ ଦିଆଯିବା ପାଇଁ ବିଭାଗକୁ ପ୍ରସ୍ତାବ ଦିଆଯାଇଛି ବୋଲି କହିଥିଲେ। କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ, ସହରକୁ ମୁଣ୍ଡପିଛା ଦୈନିକ ୭୦ ଲିଟର ପାଣି ଦିଆଯିବାକୁ ନିୟମ ଥିଲେ ମଧ୍ୟ ଆବଶ୍ୟକ ଅନୁଯାୟୀ ପାଣି ଦିଆଯାଉପାରୁନାହିଁ। କାରଣ ସହରକୁ ୧.୮୯ ନିୟୁତ ଲିଟର ପାଣି ଯୋଗାଇବା ନିମନ୍ତେ ଲକ୍ଷ୍ୟ ଥିବା ବେଳେ ମାତ୍ର ୦.୭୦ ନିୟୁତ ଲିଟର ପାଣି ଯୋଗାଣ ହେଉଛି।ଏ ନେଇ ଜି.ଉଦୟଗିରି ପାନୀୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଉଦୟନାଥ ପ୍ରଧାନଙ୍କୁ ପଚାରିବାରୁ ନୂତନ ପାଣି ଟାଙ୍କି ନିର୍ମାଣ ଚାଲିଛି। ସିଙ୍ଗିକି ଡ୍ୟାମରୁ ପାଣି ଅଣାଯାଇ ସହରକୁ ଯୋଗାଇ ଦିଆଯିବ। ପ୍ରକଳ୍ପ ସରି ଆସିଲାଣି ଓ ଚାରିଆଡ଼େ ନୂତନ ପାଇପ୍ ପଡ଼ିଲାଣି। ନୂତନ ପମ୍ପ ହାଉସ ପ୍ରକଳ୍ପ ଆରମ୍ଭ ହୋଇଗଲେ ସହରରେ ଆଉ ପାଣି ସମସ୍ୟା ରହିବ ନାହିଁ ବୋଲି କହିଥିଲେ।

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**

(1)ଟେଣ୍ଡର ବିଜ୍ଞପ୍ତି ସଂ.eT-Central-WAT-18-2019, ତା.30.05.2019ରିଖ
କାର୍ଯ୍ୟର ନାମ: (1)ଖୋର୍ଦ୍ଧାର ମଣ୍ଡଳର KK ଲାଇନ୍‌ରେ ସହାୟକ ମଣ୍ଡଳ ଯନ୍ତ୍ରୀ/କୋରାପୁଟ ପରିସୀମା ଅଧୀନସ୍ଥ ଜରତି କଲୋନୀ ଠାରେ ସଡ଼କ, ଡ୍ରେନ୍‌ଗୁଡ଼ିକର ମରାମତି ଏବଂ ଅନ୍ୟ କାର୍ଯ୍ୟ। (2)ଖୋର୍ଦ୍ଧାର ମଣ୍ଡଳର KK ଲାଇନ୍‌ରେ ସହାୟକ ମଣ୍ଡଳ ଯନ୍ତ୍ରୀ/କୋରାପୁଟ ପରିସୀମା ଅଧୀନରେ ବର୍ଷା ଜଳ ସଂଗ୍ରହ ପିଟ୍‌ଗୁଡ଼ିକର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 75,11,957.31, EMD (ଟଙ୍କାରେ) : 1,50,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ)ମାସ।

(2)ଟେଣ୍ଡର ବିଜ୍ଞପ୍ତି ସଂ.eT-Central-WAT-19-2019, ତା.30.05.2019ରିଖ
କାର୍ଯ୍ୟର ନାମ: ଖୋର୍ଦ୍ଧାର ମଣ୍ଡଳର KK ଲାଇନ୍‌ରେ ସହାୟକ ମଣ୍ଡଳ ଯନ୍ତ୍ରୀ/କୋରାପୁଟ ପରିସୀମା ଅଧୀନସ୍ଥ କୋରାପୁଟ ଠାରୁ ମାଲିଗୁଡ଼ା ଷ୍ଟେସନ ମଧ୍ୟରେ ବଡ଼ (Major) ପୋଲ ନଂ.(580, 586, 610, 652, 669) ଏବଂ ପୋଲ ନଂ.566 ଠାରୁ ପୋଲ ନଂ.677 ପର୍ଯ୍ୟନ୍ତ ବଡ଼ ଏବଂ ଛୋଟ ପୋଲଗୁଡ଼ିକର ମରାମତି ତଥା ସାଇଡ଼ ଡ୍ରେନ୍‌ଗୁଡ଼ିକର ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,16,32,421.21, EMD (ଟଙ୍କାରେ): 2,08,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର)ମାସ।

(3)ଟେଣ୍ଡର ବିଜ୍ଞପ୍ତି ସଂ.eT-East-WAT-16-2019, ତା.29.05.2019ରିଖ
କାର୍ଯ୍ୟର ନାମ: ଖୋର୍ଦ୍ଧାର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବିଜୟନଗରମ୍ ପରିସୀମା ଅଧୀନରେ କୋରୁକୋଣ୍ଡା(In)-ପୋଣ୍ଡୁରୁ (In) ଏବଂ ବିଜୟନଗରମ୍(Ex) ଠାରୁ କୋମଟିଣାଭାଲସା (Ex) ମଧ୍ୟସ୍ଥ ସେକ୍ସନରେ 30.06.2020 ପର୍ଯ୍ୟନ୍ତ ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ୍ କୋମାଲ କାର୍ଯ୍ୟ ସମୂହ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 99,77,436/-, EMD (ଟଙ୍କାରେ) : 1,99,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର)ମାସ।

(4)ଟେଣ୍ଡର ବିଜ୍ଞପ୍ତି ସଂ.eT-East-WAT-17-2019, ତା.29.05.2019ରିଖ
କାର୍ଯ୍ୟର ନାମ: ଖୋର୍ଦ୍ଧାର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଶ୍ରୀକାକୁଲମ୍ ରୋଡ଼ ପରିସୀମା ଅଧୀନରେ ପୋଣ୍ଡୁରୁ (Ex) ଠାରୁ ପଲାସା (Ex) ଏବଂ ନୌପଡ଼ା (Ex) ଠାରୁ ଗୁଣୁପୁର (In) ମଧ୍ୟସ୍ଥ ସେକ୍ସନରେ 30.06.2020 ପର୍ଯ୍ୟନ୍ତ ଶେଷ ହେଉଥିବା ଅବଧି ନିମନ୍ତେ ସିଭିଲ୍ କୋମାଲ କାର୍ଯ୍ୟ ସମୂହ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,12,21,144.80, EMD (ଟଙ୍କାରେ): 1,99,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର)ମାସ।

(5)ଟେଣ୍ଡର ବିଜ୍ଞପ୍ତି ସଂ.eT-HQ-WAT-18-2019, ତା.30.05.2019ରିଖ
କାର୍ଯ୍ୟର ନାମ: ସହାୟକ ମଣ୍ଡଳ ଯନ୍ତ୍ରୀ/ଇଷ୍ଟେଟ୍-II/ଖୋର୍ଦ୍ଧାର ପରିସୀମା ଅଧୀନସ୍ଥ ଜିଓ-ଇଞ୍ଜିନିୟରିଂ (Geo-Engineering) ଲାବୋରେଟୋରୀ ଠାରେ ଷ୍ଟେଟିକ୍ (Static) ବେସିକ୍ ପରୀକ୍ଷଣ ଉପକରଣ ସହିତ ସ୍ଲିପର ପରୀକ୍ଷଣ ସେଡ୍‌ର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 21,77,594.26, EMD (ଟଙ୍କାରେ) : 43,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, କାର୍ଯ୍ୟ ଶେଷ ହେବା ଅବଧି : 02 (ଦୁଇ)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.27.06.2019 ରିଖ 1330 ଘଡିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଉଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ଖୋର୍ଦ୍ଧାର
PR-131/K/19-20

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**
ଟେଣ୍ଡର ବିଜ୍ଞପ୍ତି ସଂ. 03/ET/SBP/ENGG/2019-20, ତାରିଖ. 28.05.2019

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.08-eT-DENC-SBP-19
କାର୍ଯ୍ୟର ନାମ: 24 ମାସ ଅବଧି ନିମନ୍ତେ ସମ୍ବଲପୁର ସ୍ଥିତ ରେଳ ନଗରରେ ଅଧିକାରୀ ଏବଂ କର୍ମଚାରୀ ପ୍ରତ୍ୟେକଙ୍କ ନିମନ୍ତେ 2 ଗୋଟି ସୁଇମିଙ୍ଗ୍ ପୁଲ (Swimming Pool)ର ରକ୍ଷଣାବେକ୍ଷଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : 15,99,897.82, EMD: 32,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 2,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି: 24 ମାସ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.09-eT-DENC-SBP-19
କାର୍ଯ୍ୟର ନାମ: ସମ୍ବଲପୁର ଠାରେ ଆବାସିକ ବିଲ୍ଡିଙ୍ଗଗୁଡ଼ିକରେ ଡିସ୍‌ଟେମ୍ପରିଙ୍ଗ, ଜଳ ନିରୋଧୀ ସିମେଣ୍ଟ ଆଧାରିତ ପେଣ୍ଟିଙ୍ଗ୍ ଏବଂ କବାଟ ଏବଂ ଝରକାଗୁଡ଼ିକର ପେଣ୍ଟିଙ୍ଗ୍ ଭଳି ସମୟାନୁକ୍ରମିକ ଫିନିସିଙ୍ଗ୍ କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : 93,09,570.80, EMD: 1,86,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି: 06 ମାସ।

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.10-eT-DENC-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସମ୍ବଲପୁର ଏବଂ ସମ୍ବଲପୁର ରୋଡ଼ ଷ୍ଟେସନ ଠାରେ ଥିବା ସର୍ଭିସ୍ ବିଲ୍ଡିଙ୍ଗଗୁଡ଼ିକରେ ଡିସ୍‌ଟେମ୍ପରିଙ୍ଗ, ଜଳ ନିରୋଧୀ ସିମେଣ୍ଟ ଆଧାରିତ ପେଣ୍ଟିଙ୍ଗ୍ ଏବଂ କବାଟ ଏବଂ ଝରକାଗୁଡ଼ିକର ପେଣ୍ଟିଙ୍ଗ୍ ଭଳି ସମୟାନୁକ୍ରମିକ ଫିନିସିଙ୍ଗ୍ କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : 1,11,51,346.01, EMD : 2,05,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 5,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 06 ମାସ।

(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.10-eT-SDENW-SBP-19
କାର୍ଯ୍ୟର ନାମ : ଦୁଇ ବର୍ଷ ନିମନ୍ତେ ସହାୟକ ମଣ୍ଡଳ ଯନ୍ତ୍ରୀ/ଟ୍ରାକ୍ ମେସିନ/ସମ୍ବଲପୁର ଅଧୀନସ୍ଥ ସମ୍ବଲପୁର ମଣ୍ଡଳରେ କାର୍ଯ୍ୟରତ BCM ର ବିଭିନ୍ନ କମ୍ପୋନେଣ୍ଟଗୁଡ଼ିକର ସ୍ପେୟାର ପାର୍ଟସ୍ ଏବଂ ଅନ୍ୟ ଟ୍ରାକ୍ ମେସିନ୍‌ଗୁଡ଼ିକର ମରାମତି ଏବଂ ରିକଣ୍ଡିସନିଙ୍ଗ୍।
କାର୍ଯ୍ୟର ଆନୁମାନିକ ମୂଲ୍ୟ : 30,77,607.06, EMD : 61,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 3,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

(5)ଇ-ଟେଣ୍ଡର ବିଜ୍ଞପ୍ତି ସଂ.11-eT-SDENW-SBP-19
କାର୍ଯ୍ୟର ନାମ: ରେଳବାଇ ବିନିର୍ଦ୍ଦେଶନ (Specification) ଅନୁଯାୟୀ ରେଳବାଇ ଜମି/ଖାଦାନ ବାହାରୁ ଦୋଇକାଲୁ ଡିପୋ ଠାରେ ମେସିନ୍ ଦ୍ୱାରା ଭଙ୍ଗା ଯାଇ ମହଜୁଦ୍ ଥିବା 50,000 ଘନ ମିଟରର ଟ୍ରାକ୍ ବାଲାଷ୍ଟର ଯୋଗାଣ ଏବଂ ଗଦା ମାରିବା ତଥା ତାହାକୁ ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଟିଟିଲାଗଡ଼ ପରିସୀମା ଅଧୀନସ୍ଥ ରେଳବାଇ ୱାଗନଗୁଡ଼ିକରେ ବୋଝେଇ କରିବା କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : 5,64,86,000/-, EMD : 4,32,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 18 ମାସ।

(6)ଇ-ଟେଣ୍ଡର ବିଜ୍ଞପ୍ତି ସଂ.07-eT-SDENE-SBP-19
କାର୍ଯ୍ୟର ନାମ: 02(ଦୁଇ) ବର୍ଷ ଅବଧି ନିମନ୍ତେ ବହିଃସ୍ରୋତ ଜରିଆରେ ଡିଜିଟାଲ ଅଲ୍ଟ୍ରାସୋନିକ୍ ଫ୍ଲ ଡିଟେକ୍ଟର(USFD) ଦ୍ୱାରା ରେଲ୍ ଏବଂ ୱେଲ୍ଡଗୁଡ଼ିକର ଅଲ୍ଟ୍ରାସୋନିକ୍ ପରୀକ୍ଷଣ ତଥା ସମ୍ବଲପୁର ମଣ୍ଡଳର ବିଭିନ୍ନ ଚିହ୍ନିତ ପ୍ୟାଚ୍‌ଗୁଡ଼ିକରେ ଅଲ୍ଟ୍ରାସୋନିକ୍ ପରୀକ୍ଷଣର ଇଣ୍ଡିଆନ୍ ରେଲୱେ ଷ୍ଟାଣ୍ଡାର୍ଡ ଏବଂ ସ୍ପେସିଫିକେସନ ରେଲ୍ ଏବଂ ୱେଲ୍ଡ (ସଂଶୋଧିତ ସଂସ୍କରଣ 2012) ଅନୁଯାୟୀ ସେଗୁଡ଼ିକୁ ରିପୋର୍ଟ କରିବା କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : 7,09,26,173.76, EMD : 5,04,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 10,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

(7)ଇ-ଟେଣ୍ଡର ବିଜ୍ଞପ୍ତି ସଂ.08-eT-SDENE-SBP-19
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ସମ୍ବଲପୁର-ଅନୁଗୁଳ ସେକ୍ସନରେ କି.ମି.22 ଠାରୁ କି.ମି. 23, କି.ମି. 33 ଠାରୁ କି.ମି. 34, କି.ମି.70 ଠାରୁ କି.ମି. 72, କି.ମି. 85 ଠାରୁ କି.ମି.90 ଏବଂ କି.ମି.115 ଠାରୁ କି.ମି. 144 ପର୍ଯ୍ୟନ୍ତ 38 କି.ମି. ନିମନ୍ତେ କଳଙ୍କି ନିରୋଧୀ (Anticorrosive) ପେଣ୍ଟ୍ ଦ୍ୱାରା ରେଲ୍‌ଗୁଡ଼ିକର ପେଣ୍ଟିଙ୍ଗ୍।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 19,09,739.40, EMD: 38,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ: 2,000/- + 18% GST, କାର୍ଯ୍ୟ ଶେଷ ହେବା ଅବଧି : 06 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ): ତା.20.06.2019ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଉଥିବା କୌଣସି ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ)/ ସମ୍ବଲପୁର
PR-127/K/19-20

## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୪।୬:** ବେଆଇନ ଭାବେ ମଦ ବିକ୍ରି କରିବା ପାଇଁ ଯାଉଥିବା ବେଳେ ଜଣେ ବ୍ୟକ୍ତିଙ୍କୁ ବୈଦ୍ୟନାଥପୁର ପୋଲିସ ସୋମବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ସୁରେନ୍ଦ୍ର ପ୍ରଧାନ (୩୫) ଓ ଘର ନୂଆଖଜୁରିଆ। ସୁରେନ୍ଦ୍ର ସୋମବାର ରାତି ପ୍ରାୟ ୯ଟା ବେଳେ ମଦ ଧରି ଗୁଡସ୍‌ଶେଡ୍ ଓଭରବ୍ରିଜ ଦେଇ ଯାଉଥିବା ନେଇ ପୋଲିସ ଖବର ପାଇଥିଲା। ସେଠାରେ ଚଢ଼ାଉ କରି ୨ଟି ଅଖାରେ ରଖିଥିବା ୨୦୦ଦେଶୀ ମଦ ପାଉଚ ପ୍ରାୟ ୪୦ ଲିଟର ଜବତ କରିଛି। ମାମଲା ନଂ. ୬୦/୧୯ରେ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ସୁମିତ କୁମାର ସୋରେନ କହିଛନ୍ତି ।

### ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ ଘଟଣା ବାଇକ୍ ଚାଳକ ଗିରଫ

**ଦିଗପହଣ୍ଡି,୪।୬(ଡି.ଏନ.ଏ.):** ଦିଗପହଣ୍ଡି ପୋଲିସ ଭୀଷ୍ମଗିରି ଗ୍ରାମର ସୀମାଞ୍ଚଳ ପାତ୍ରଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି । ଗତ ମାର୍ଚ୍ଚ ୬ ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତା କଲ୍ୟାଣପୁର ଛକ ନିକଟରେ ଅଭିଯୁକ୍ତ ସୀମାଞ୍ଚଳଙ୍କ ବାଇକ୍ (ନଂ ଓଡି ୩୩ କ୍ୟୁ୫୬୫୯) ଧକ୍କାରେ କଲ୍ୟାଣପୁର ଗ୍ରାମର ବିଜୟ ଗୌଡ଼ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ମାର୍ଚ୍ଚ ୨୩ ତାରିଖରେ ବିଜୟଙ୍କ ମୃତ୍ୟୁ ଘଟିଥିଲା । ଗତ ରବିବାର ବିଜୟଙ୍କ ସ୍ତ୍ରୀ ଲିଲି ଗୌଡ଼ ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଆଇଆଇସି ଗୌରାଙ୍ଗ ଚରଣ ସାହୁ ଘଟଣାର ତଦନ୍ତ କରି ନଂ. ୧୦୧/୧୯ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ ।

### ଅଟୋ-ବାଇକ୍ ମୁହାଁମୁହିଁ : ଜଣେ ମୃତ

ବୁଗୁଡ଼ା,୪।୬(ଡି.ଏନ୍.ଏ.)-ବୁଗୁଡ଼ା ଥାନା ବାଲିପଦର ନଅମାଇଲି ମୁଖ୍ୟ ରାସ୍ତାରେ ମଙ୍ଗଳବାର ସନ୍ଧ୍ୟା ୭ଟାରେ ଅଟୋ ସହ ବାଇକ୍ ମୁହାଁମୁହିଁ ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଖପରାଗଣ୍ଡା ଗ୍ରାମର କବି ସ୍ୱାଇଁ(୫୦)। ଦାନଚନ୍ଦନପେଢ଼ିର ଚିତ୍ତରଞ୍ଜନ ବିଶ୍ୱାଳଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ବାଲିପଦରରୁ ଏକ ଅଟୋ ଆସିକା ଅଭିମୁଖେ ଯାଉଥିବାବେଳେ ସାମ୍ନାପଟରୁ ଆସୁଥିବା କବି ଓ ଚିତ୍ତରଞ୍ଜନଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ କବିଙ୍କ ମୃତ୍ୟୁ ଘଟିଥିଲା। ବାଲିପଦର ଫାଣ୍ଡି ଅଧିକାରୀ ଭଗବାନ ପୂଜାରୀ ପହଞ୍ଚି ଅଟୋ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ବନ୍ୟପ୍ରାଣୀ ସୁରକ୍ଷା ଆଇନକୁ ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀର ଉଲ୍ଲଂଘନ

# ରୋଜଗାର ପାଇଁ ଅଜଗରକୁ ନିର୍ଯାତନା

■ଆୟୋଜନ ହେଉଛି 'ଫଟୋ ଉଇଥ୍ ପାଇଥନ୍' କାର୍ଯ୍ୟକ୍ରମ
■ଛୋଟ ପିଲାଙ୍କ ହାତରେ ଧରାଇ ଦିଆଯାଉଛି ଅଜଗର
■କାର୍ଯ୍ୟାନୁଷ୍ଠାନ ନେବାକୁ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ଦାବି

ବ୍ରହ୍ମପୁର ଅଫିସ,୪।୬


ଛୋଟ ପିଲାଙ୍କ ହାତରେ ଅଜଗର ସାପ ।

ବନ୍ୟପ୍ରାଣୀ ଏବଂ ସଂରକ୍ଷିତ ପ୍ରାଣୀମାନଙ୍କ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ବହୁ ଆଇନ୍ ରହିଛି। ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂଗଠନ ମଧ୍ୟ ଏଦିଗରେ କାର୍ଯ୍ୟ କରୁଛି । ହେଲେ ଏହି ଆଇନ୍‌କୁ ଭାଙ୍ଗୁଥିବା ବ୍ୟକ୍ତି ଏବଂ ସଂସ୍ଥାଙ୍କ ସଂଖ୍ୟା ମଧ୍ୟ କମ୍ ନୁହଁ । ବ୍ରହ୍ମପୁରରେ ଦେଖିବାକୁ ମିଳିଛି ଏହାର ନମୁନା। ସହରର ଏକ ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ ସହରବାସୀଙ୍କୁ ଆକୃଷ୍ଟ କରିବା ପାଇଁ ଏକ ଅଜବ କାର୍ଯ୍ୟକ୍ରମ ଆୟୋଜନ କରୁଛି। କାର୍ଯ୍ୟକ୍ରମର ନାମ ରହିଛି 'ଫଟୋ ଉଇଥ୍ ପାଇଥନ୍(ଅଜଗର)' । ଦୀର୍ଘ ଅନେକ ଦିନ ହେଲା ଏଭଳି ବେଆଇନ୍ କାର୍ଯ୍ୟକ୍ରମ ସହରର ବିଭିନ୍ନ ସ୍ଥାନରେ ଆୟୋଜନ ହେଉଛି । ହେଲେ ପ୍ରଶାସନ ତରଫରୁ ଏହାକୁ ରୋକିବା ଦିଗରେ ପଦକ୍ଷେପ କିମ୍ବା କମ୍ପାନୀ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ଏବେ ସମ୍ପୃକ୍ତ କମ୍ପାନୀ ତରଫରୁ ଖୁଲମ୍‌ଖୁଲା ଏହି କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଚାର କରାଯାଉଛି।

ବାହାଘର, ବ୍ରତଘର ହେଉ ଅବା ଜନ୍ମଦିନ। ଜୀବନର ଏହି ମହତ୍ୱପୂର୍ଣ୍ଣ ସମୟଗୁଡ଼ିକୁ ସର୍ବଦା ସ୍ମୃତିରେ ସାଇତି ରଖିବା ପାଇଁ ସମସ୍ତଙ୍କ ମଧ୍ୟରେ ଦେଖାଦେଇଥାଏ ଆଗ୍ରହ। ପୂର୍ବରୁ ଏସବୁ କାର୍ଯ୍ୟକ୍ରମଗୁଡ଼ିକ ଲୋକମାନେ ନିଜେ ଆୟୋଜନ କରୁଥିଲେ। ହେଲେ ସମୟର ପରିବର୍ତ୍ତନ ସହ ପ୍ରବେଶ କଲା ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ। ବର୍ତ୍ତମାନ ଛୋଟ ଛୋଟ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟ ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ ଦ୍ୱାରା ଆୟୋଜନ କରାଯାଉଛି। କାର୍ଯ୍ୟକ୍ରମ ଆୟୋଜନ ପ୍ରତିବଦଳରେ କମ୍ପାନୀଗୁଡ଼ିକ ମୋଟା ଅଙ୍କର ଫି' ନିଅନ୍ତି। ବ୍ରହ୍ମପୁର ସହରରେ ଏଭଳି କମ୍ପାନୀ ସଂଖ୍ୟା ହୁ ହୁ ହୋଇ ବଢ଼ୁଛି । ବ୍ୟବସାୟିକ ପ୍ରତିଯୋଗିତା ବଢ଼ୁଥିବା ଯୋଗୁ କମ୍ପାନୀଗୁଡିକ କିଭଳି ଭିନ୍ନ ଧରଣର କାର୍ଯ୍ୟକ୍ରମ ଆୟୋଜନ କରି ସମସ୍ତଙ୍କୁ ଆକୃଷ୍ଟ କରିପାରିବେ, ତାହାକୁ ଗୁରୁତ୍ୱ ଦେଉଛନ୍ତି। ନୂଆ ନୂଆ ଉପାୟରେ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି । ରୋଚକ ଇଭେଣ୍ଟ ହେଉଛି। ସିନେ କଳାକାରଙ୍କୁ ଆଣି ନଚାଇବାଠାରୁ ବିଭିନ୍ନ ପ୍ରକାର ସୋ' ମଧ୍ୟ ଆୟୋଜନ ହେଉଛି। ସହରର ଏକ ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ ଏବେ ଆଉ ଦୁଇ ପାଦ ଆଗକୁ ଯାଇଛି । ସମ୍ପୃକ୍ତ କମ୍ପାନୀ ତରଫରୁ ଏକ ଇଭେଣ୍ଟ ଆୟୋଜନ ହେଉଛି, ଯାହାର ନାମ ଦିଆଯାଇଛି 'ଫଟୋ ଉଇଥ୍ ପାଇଥନ୍(ଅଜଗର)'। ଏହି କମ୍ପାନୀ ଫେସ୍‌ବୁକ୍ ପେଜ୍‌ରେ ଏ ସମ୍ପର୍କରେ ଉଲ୍ଲେଖ ରହିଛି। ଯେଉଁ ବ୍ୟକ୍ତିମାନେ ବାହଘର, ବ୍ରତଘର କିମ୍ବା ଜନ୍ମଦିନ ଭୋଜିରେ ଏହି ଇଭେଣ୍ଟ ପାଇଁ ଇଚ୍ଛୁକ ଅଛନ୍ତି, ସେମାନଙ୍କୁ ଅଧିକ ଟଙ୍କା ଦେବାକୁ କୁହାଯାଉଛି । ଆଶ୍ଚର୍ଯ୍ୟର ବିଷୟ ହେଲା, ଗତ କିଛି ଦିନ ଭିତରେ ଏହି ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ ତରଫରୁ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ 'ଫଟୋ ଉଇଥ୍ ପାଇଥନ୍' କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଛୋଟ ଛୋଟ ପିଲାମାନେ ବିପଦପୂର୍ଣ୍ଣ ଭାବେ ହାତରେ ଅଜଗରକୁ ଧରି ଫଟୋ ଉଠାଉଛନ୍ତି। ଏହୁ ସବୁ କାର୍ଯ୍ୟକ୍ରମର ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ସାମିଲ୍ ହୋଇଛନ୍ତି, ହେଲେ କେହି ଏହାକୁ ବିରୋଧ କରିନାହାନ୍ତି ।

ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ କହିବାନୁଯାୟୀ, ଭାରତୀୟ ବନ୍ୟପ୍ରାଣୀ ସୁରକ୍ଷା ଆଇନ୍-୧୯୭୨ରେ ଅଜଗରକୁ ସିଡ୍ୟୁଲ୍-୧ର ପାର୍ଟ-୨ରେ ରଖାଯାଇଛି। ତଦନୁଯାୟୀ, ଅଜଗରକୁ ଶିକାର କରିବା, ଆଘାତ ଦେବା ଏକ ଦଣ୍ଡନୀୟ ଅପରାଧ । ଏପରିକି ସର୍ବସାଧାରଣରେ ଅଜଗରକୁ ଖେଳାଇବା ମଧ୍ୟ ଅପରାଧ। ଅଭିଯୁକ୍ତଙ୍କୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ମଧ୍ୟ ହୋଇପାରେ। ହେଲେ ବ୍ରହ୍ମପୁର ସହରରେ ଏହି ଅଜଗର ସାପ ଖେଳ ଖୋଲାଖୋଲି ଭାବେ ଚାଲିଛି। ସମ୍ପୃକ୍ତ ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରର ପ୍ରାଣୀ ବିଶେଷଜ୍ଞମାନେ ଦାବି କରିଛନ୍ତି ।

ଏନେଇ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ କୁମାର ବେହେରା କହିଛନ୍ତି, ଘଟଣା ଆମର ଦୃଷ୍ଟିକୁ ଆସିଛି। ଅଧିକ ତଥ୍ୟ ସଂଗ୍ରହ କରାଯାଉଛି । ଖୁବ୍ ଶୀଘ୍ର ସମ୍ପୃକ୍ତ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

### ନବ ନିର୍ବାଚିତ ବିଧାୟିକାଙ୍କ ବେଗୁନିଆପଡ଼ା ଗସ୍ତ



ବେଗୁନିଆପଡ଼ା,୪।୬(ଡି.ଏନ.ଏ.)

କବିସୂର୍ଯ୍ୟନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟିକା ଲତିକା ପ୍ରଧାନ ମଙ୍ଗଳବାର ବେଗୁନିଆପଡ଼ା ବ୍ଲକ ଗସ୍ତରେ ଆସିଥିଲେ। ପ୍ରଥମେ ଘୋଡାପଡ଼ା ପଞ୍ଚାୟତର ଡଭାବଣିଆ, ତା' ପରେ ଘୋଡ଼ପଡା, ମର୍ଦ୍ଦମେଖ, ଦିଗି, କନ୍ଦିଗାଁ, ଆଦି ଗସ୍ତ କରି ଲୋକମାନଙ୍କ ସମସ୍ୟା ବୁଝିଥିଲେ। ମଧ୍ୟାହ୍ନରେ କୋଦଳା ଡାକ ବଙ୍ଗଳାରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଅଞ୍ଚଳର ସମସ୍ୟା ଉପରେ ଆଲୋଚନା କରିଥିଲେ । ଅଧୁରା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ବର୍ଷା ପୂର୍ବରୁ ପୋଖରୀ ଓ କେନାଲ ମରାମତି କାର୍ଯ୍ୟ ସାରିବା, ପାନୀୟ ଜଳ ପ୍ରକଳ୍ପଗୁଡିକର ମରାମତି କରିବା ପାଇଁ କହିଥିଲେ। ଅପରାହ୍ନରେ ଫାଶି ପଞ୍ଚାୟତ ବେତାରାପଲ୍ଲୀ, ବିଲିପଡା, ଲାଠୁଳି, ଭୋଦୁଆ, ମେଦିନୀପୁର ଓ ଦିଗାପଡା ପଞ୍ଚାୟତର ଜେ.ଛଟିନା, ଧନୁର୍ଜୟପୁର, ଡାମଣଖୋଲ, ରେଗୁଟିପଲ୍ଲୀ, ନେହୁଳି ଆଦି ପଞ୍ଚାୟତ ବୁଲି ଲୋକଙ୍କୁ ଧନ୍ୟବାଦ ଦେଇଥିଲେ। ଏଥିରେ ବେଗୁନିଆପଡ଼ା ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, କୋଦଳା ନଗର ସଭାପତି ସଞ୍ଜୀବ କୁମାର ସାହୁ, ପୂର୍ବତନ ଜିଲା ପରିଷଦ ସଦସ୍ୟ ତ୍ରିନାଥ ଭୂୟାଁ, ମହେଶ୍ୱର ବରାଡ଼ଙ୍କ ସମେତ ସରପଞ୍ଚ ଓ କର୍ମୀ ଯୋଗ ଦେଇଥିଲେ।

## ଓଡ଼ିଶା ବକ୍ସିଂ ଦଳର ଉତ୍ତରାଖଣ୍ଡ ଯାତ୍ରା


କୋଚ୍‌ଙ୍କ ଗହଣରେ ଖେଳାଳିମାନେ ।

ବ୍ରହ୍ମପୁର ଅଫିସ୍,୪।୬

ଉତ୍ତରାଖଣ୍ଡର ରୁଦ୍ରପୁରରେ ଆସନ୍ତା ୮ରୁ ୧୩ତାରିଖ ପର୍ଯ୍ୟନ୍ତ ତୃତୀୟ ଜାତୀୟ ୟୁଥ୍ ପୁରୁଷ ଏବଂ ମହିଳା ବକ୍ସିଂ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାଗନେବା ପାଇଁ ଓଡ଼ିଶା ଦଳର ଚୟନ ଶିବିର ଗତ ରବିବାର ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଆୟୋଜିତ ହୋଇଥିଲା। ୧୬ଜଣିଆ ପୁରୁଷ ଏବଂ ମହିଳା ଦଳ ଚୟନ କରାଯାଇଥିବା ବେଳେ ସେଥିରେ ଗଞ୍ଜାମ ଜିଲାର ଥିଲେ ୯ ଖେଳାଳୀ। ମଙ୍ଗଳବାର ଖେଳାଳୀମାନେ ଉତ୍ତରାଖଣ୍ଡ ଅଭିମୁଖେ ଯାତ୍ରା କରିଛନ୍ତି। ବ୍ରହ୍ମପୁରରୁ ଭୁବନେଶ୍ୱର ଯାଇ ସେଠାରୁ ଓଡ଼ିଶା ଦଳ ସହ ଉତ୍ତରାଖଣ୍ଡ ଯିବେ। ଏହି ଖେଳାଳୀମାନେ ହେଲେ ଅବିନାଶ କୁମାର ବିଷୋୟୀ(୪୯କିଲୋ), ବିକ୍ରମ ନାୟକ(୫୨କିଲୋ), ରାଜେଶ କୁମାର ସାହୁ(୫୬କିଲୋ), ଗଣେଶ ମହାପାତ୍ର(୬୪କିଲୋ), ପି.ରାହୁଲ(୬୯କିଲୋ),ବି.ସୁରଜ(୭୫କିଲୋ), ଗଞ୍ଜାମର ଏ.ରିତୁ ରାଓ(୪୮କିଲୋ), ଏସ୍.ରୋଜା ଆଚାରୀ(୫୪କିଲୋ) ଏବଂ ଶ୍ରୋତା ଶତପଥୀ(୬୪କିଲୋ)। ଦଳ ସହ କୋଚ୍ ଏବଂ ମ୍ୟାନେଜର୍ ଭାବେ ଏ. ନାୟକ, ସୁଦର୍ଶନ ସାହୁ, ଏ. ଦାସ, ସୁନିଲ ବେହେରା ଯାତ୍ରା କରିଛନ୍ତି। ରେଫ୍ରି ଶିଶିର କୁମାର ପାଣିଗ୍ରାହୀ ଏବଂ ଓଡ଼ିଶା ଆମେଚର ବକ୍ସିଂ ସଂଘ ସମ୍ପାଦକ ଅନିଲ ବହିଦାର ସୁପରଭାଇଜର୍ ଭାବେ ଯାତ୍ରା କରିଛନ୍ତି ।

### ନଟରାଜ କ୍ରିକେଟ ଟୁର୍ନାମେଣ୍ଟ, କଙ୍କୋରଡ଼ା ବିଜୟୀ

ଦିଗପହଣ୍ଡି,୪।୬(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ ଏରେଣ୍ଡ୍ରା ଗ୍ରାମରେ ଚାଲିଥିବା ନଟରାଜ କ୍ରିକେଟ ଟୁର୍ନାମେଣ୍ଟର ୩ୟ ଦିବସ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ କଙ୍କୋରଡ଼ା ଗ୍ରାମ କ୍ରିକେଟ ଟିମ ବିଜୟୀ ହୋଇ ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଛି। ନିର୍ଦ୍ଧାରିତ ୧୫ ଓଭରରେ ପ୍ରତିପକ୍ଷ ଜୋଗଡ଼ି ଗ୍ରାମ କ୍ରିକେଟ ଟିମ ସମସ୍ତ ଉଇକେଟ ହରାଇ ୭୮ ରନ କରିଥିଲା। ଜବାବରେ କଙ୍କୋରଡ଼ା ଗ୍ରାମ କ୍ରିକେଟ ଟିମ ୯ ଉଇକେଟ ବିନିମୟରେ ୭୯ ରନ ହାସଲ କରି ବିଜୟୀ ହୋଇଥିଲା। ଚନ୍ଦନ ବିଶୋୟୀ ଏବଂ ଶ୍ରୀକୃଷ୍ଣ ବିଶୋୟୀ ଅମ୍ପାୟର ଥିଲେ। ଟୁର୍ନାମେଣ୍ଟ ଆୟୋଜକ କମିଟି କାର୍ଯ୍ୟକର୍ତ୍ତା ଗଙ୍ଗାଧର ପ୍ରଧାନ, ଅମର ସାହୁ, ସନ୍ତୋଷ ଆଚାରୀ, ଜିତୁନ ପ୍ରଧାନ, ଗୋବର୍ଦ୍ଧନ ବରାଡ଼, ମନମୋହନ ବରାଡ଼, ଜିତୁ ପରିଡ଼ା ପ୍ରମୁଖ ମ୍ୟାଚ ପରିଚାଳନାରେ ସହାୟତା କରିଥିଲେ।

■ ଗଞ୍ଜାମ ଜିଲା ପରିଷଦ

## ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ ଛତ୍ରପୁର ବିଧାୟକ

ବ୍ରହ୍ମପୁର ଅଫିସ,୪।୬


ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ।

ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା। ବିଧାୟକ ଭାବେ ବିଧାନସଭାରେ ଶପଥ ଗ୍ରହଣ ପୂର୍ବରୁ ଇସ୍ତଫା ପତ୍ର ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ତଥା ଗଞ୍ଜାମ ଜିଲାପାଳଙ୍କୁ ପ୍ରଦାନ କରିଥିବା ବେହେରା ଧରିତ୍ରୀକୁ କହିଛନ୍ତି। ଅପରପକ୍ଷରେ ହେବାକୁ ଥିବା ଉପ ନିର୍ବାଚନ ପର୍ଯ୍ୟନ୍ତ ଅଧ୍ୟକ୍ଷ ଦାୟିତ୍ୱରେ କିଏ ରହିବେ ସେ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେବେ। ସୁବାସ ନିର୍ବାଚିତ ହୋଇଥିବା ୧୯ନଂ. ଜିଲା ପରିଷଦ ଜୋନ ସଭ୍ୟ ପଦରୁ ମଧ ଇସ୍ତଫା ଦେଇଥିବାରୁ ସେଠାରେ ମଧ ଉପ ନିର୍ବାଚନ ହେବ। ଏ ସମ୍ପର୍କରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଉପନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଏବେ ସ୍ନେହଲତା ପଣ୍ଡା ପରିଷଦର ଉପାଧ୍ୟକ୍ଷା ଅଛନ୍ତି । ସାମୟିକ ଭାବେ ସେ ଅଧ୍ୟକ୍ଷ ଦାୟିତ୍ୱ ସମ୍ଭାଳିବା ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଗଞ୍ଜାମରେ ସମୁଦାୟ ୬୯ ଜିଲା ପରିଷଦ ଜୋନ ରହିଛି। ୨୦୧୭ରେ ହୋଇଥିବା ପରିଷଦ ନିର୍ବାଚନରେ ଶଙ୍ଖ ଚିହ୍ନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ୬୪ ସଭ୍ୟାସଭ୍ୟ ନିର୍ବାଚିତ ହୋଇଥିଲେ। ଭାଜପାରୁ ୪ ଏବଂ କଂଗ୍ରେସରୁ ମାତ୍ର ଜଣେ ଜିତିଥିଲେ। ସୁବାସ ଇସ୍ତଫା ଦେବାରୁ ବିଜେଡି ସଂଖ୍ୟା ୬୩କୁ ଖସିଛି । ଅଧ୍ୟକ୍ଷ ପଦ ଅନୁସୂଚିତ ଜାତି ପୁରୁଷଙ୍କ ପାଇଁ ସଂରକ୍ଷିତ ଅଛି । ତେଣୁ ବିଜେଡି ପକ୍ଷରୁ ଉପଯୁକ୍ତ ପ୍ରାର୍ଥୀ ଖୋଜା ମଧ ଆରମ୍ଭ ହୋଇଯାଇଛି ।

## ବିଜ୍ଞାନ ପରୀକ୍ଷାରେ ବେଦବ୍ୟାସ ଆବାସିକ ମହାବିଦ୍ୟାଳୟର ସଫଳତା

ବ୍ରହ୍ମପୁର ଅଫିସ୍,୪।୬


ସୁବ୍ରତ ଗଦେଇ।


ବର୍ଷାରାଣୀ ବେହେରା।

ବ୍ରହ୍ମପୁରସ୍ଥିତ ବେଦବ୍ୟାସ ଆବାସିକ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରକାଶ ପାଇଥିବା ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଏହି ଶିକ୍ଷାନୁଷ୍ଠାନର ପାସ୍ ହାର ରହିଛି ୯୬ପ୍ରତିଶତ । ସୁବ୍ରତ କୁମାର ଗଦେଇ ସର୍ବାଧିକ ମାର୍କ ରଖିଥିବା ବେଳେ ଛାତ୍ରୀମାନଙ୍କ ମଧ୍ୟରେ ସର୍ବାଧିକ ମାର୍କ ରଖିଛନ୍ତି ବର୍ଷାରାଣୀ ବେହେରା। ମୋଟ ୮୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥିରୁ ୩୫ଜଣ ପ୍ରଥମ ଶ୍ରେଣୀ, ୨୭ ଦ୍ୱିତୀୟ ଶ୍ରେଣୀ ଏବଂ ୨୨ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି। ମହାବିଦ୍ୟାଳୟର ପ୍ରେସିଡେଣ୍ଟ ପ୍ରଦ୍ୟୁମ୍ନ କୁମାର ବିଷୋୟୀ, ସମ୍ପାଦକ ମନୋଜ କୁମାର ବେହେରା, ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁଙ୍କ ସମେତ ଅଧ୍ୟାପିକା ଅଧ୍ୟାପକମାନେ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ମଦ ଜବତ, ଜଣେ ଗିରଫ

ଦିଗପହଣ୍ଡି,୪।୬(ଡି.ଏନ.ଏ.)

ଦିଗପହଣ୍ଡିର ମଧୁସୂଦନ ପଣ୍ଡାଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଖେମୁଣ୍ଡି କଲେଜ ନିକଟରୁ ମଧୁସୂଦନଙ୍କଠାରୁ ୧୧୦ ଦେଶୀ ମଦ ପାଉଚ ଜବତ କରାଯାଇଥିଲା। ମାମଲା ନଂ. ୧୦୩/୧୯ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଦିଲୀପ କୁମାର ସାହୁ ଜଣାଇଛନ୍ତି ।

■ ଜିଲା କଂଗ୍ରେସର ଅଭିଯୋଗ

# ମୌଳିକ ସମସ୍ୟା ସମାଧାନରେ ବିଏମ୍‌ସି ବିଫଳ

ବ୍ରହ୍ମପୁର ଅଫିସ,୪।୬

ବିଏମସି (ବ୍ରହ୍ମପୁର ମହାନଗର ନିଗମ) ପକ୍ଷରୁ ନିର୍ମାଣ ଓ ପୁନଃ ନିର୍ମାଣ କରାଯାଉଥିବା ଡ୍ରେନଗୁଡ଼ିକ ମୌସୁମୀ ଆସିବା ପୂର୍ବରୁ ସମ୍ପୂର୍ଣ୍ଣ କରିବା ପାଇଁ ଗଞ୍ଜାମ ଜିଲା କଂଗ୍ରେସ ଦାବି କରିଛି । ନଚେତ ଏହାର ପ୍ରତିବାଦରେ ସହରବାସୀଙ୍କୁ ମେଳି କରି ଲଗାତର ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି । ଅନ୍ୟପକ୍ଷରେ ଜାନିବିଲି ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ନାଁରେ ମହାନଗର ସାରା ରାସ୍ତା ଖୋଳି କଦର୍ଯ୍ୟ କରିଥିବାରୁ ଯାନବାହନ ଓ ଲୋକଙ୍କ ଚଳାଚଳ ଗୁରୁତର ବାଧାପ୍ରାପ୍ତ ହୋଇଛି ଏବଂ ଧୂଳିଧୂସର ହୋଇ ପରିବେଶ ବିପନ୍ନ ହୋଇଯାଇଥିବା ସଙ୍ଗିନ ଅଭିଯୋଗ କରାଯାଇଛି । ତୁରନ୍ତ ରାସ୍ତାଗୁଡ଼ିକ ପୁନଃନିର୍ମାଣ କରିବାକୁ ଆଉ ଏକ ଦାବି ହୋଇଛି । ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା କହିଛନ୍ତି, ଦୀର୍ଘମାସରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବିଭିନ୍ନ ଅଞ୍ଚଳର ଡ୍ରେନଗୁଡ଼ିକ ଏବେବି ଅସମ୍ପୂର୍ଣ୍ଣ ରହିଛି । ସାମାନ୍ୟ ବର୍ଷା ହେଲେ ନର୍ଦ୍ଦମାର ମଇଳା ପାଣି ରାସ୍ତାରେ ଲହଡ଼ି ମାରୁଛି । ଏଭଳି ଅନେକ ମୌଳିକ ସମସ୍ୟାର ତ୍ୱରିତ ସମାଧାନରେ ବିଏମ୍‌ସି ବିଫଳ ହୋଇଛି। ବର୍ଷାଋତୁ ନିକଟତର ହୋଇଥିବାରୁ ଡ୍ରେନ ନିର୍ମାଣ କାର୍ଯ୍ୟ ଅବିଳମ୍ବେ ଶେଷ କରିବାକୁ ଗୁରୁତ୍ୱ ଦିଆଯାଇଛି । ଅପରପକ୍ଷରେ ଅସମ୍ପୂର୍ଣ୍ଣ ଜାନିବିଲି ଜଳଯୋଗାଣ ଯୋଜନା ୩ ମାସ ତଳୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇ ଭୋଟ ରାଜନୀତି କରାଯାଇଥିବା ପଣ୍ଡା କଟାକ୍ଷ କରିଛନ୍ତି। ପିଇବା ପାଣି ନ ପାଇ ରେଶମ ନଗରବାସୀ ବ୍ୟହଳ ବିକଳ ହେଉଛନ୍ତି । ପ୍ରକଳ୍ପ ନିର୍ମାଣ କେବେ ଶେଷ ହେବ ଏବଂ ମହାନଗରବାସୀଙ୍କୁ କେବେ ନିୟମିତ ଜଳ ଯୋଗାଣ କରାଯିବ ସେନେଇ ସରକାର ଘୋଷଣା କରିବାକୁ କଂଗ୍ରେସ ଦାବି କରିଛି ।

■ ବିଜିପୁର ପୋଖରୀ ପାର୍ଶ୍ୱ ଆଧୁନିକୀକରଣ

# ବିଏମ୍‌ସିର ବ୍ୟୟ ଅଟକଳ ୭୫ ଲକ୍ଷ ଟଙ୍କା

ବ୍ରହ୍ମପୁର ଅଫିସ,୪।୬


ଭୂମି ପୂଜନ ଉତ୍ସବରେ ଏମପି, ବିଧାୟକ, ପୂର୍ବତନ ବିଧାୟକ ଓ ଅନ୍ୟମାନେ ।

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ୨୪ନଂ. ୱାର୍ଡ ଅନ୍ତର୍ଗତ ବିଜିପୁର ପୋଖରୀ ପାର୍ଶ୍ୱ ଆଧୁନିକୀକରଣ ପାଇଁ ମଙ୍ଗଳବାର ଭୂମିପୂଜନ ହୋଇଯାଇଛି। ଏଥିପାଇଁ ନିଗମ ପକ୍ଷରୁ ୭୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି କାର୍ଯ୍ୟକ୍ରମ ପାଇଁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ ବିକ୍ରମ କୁମାର ପଣ୍ଡା ମିଳିତ ଭାବେ ଶୁଭ ଦେଇଥିଲେ। ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲା ଯୋଜନା କମିଟି ଅଧ୍ୟକ୍ଷ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା ଉପସ୍ଥିତ ଥିଲେ। ପୂର୍ବତନ କର୍ପୋରେଟର ସଂଘମିତ୍ରା ଦଳାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ପାଢ଼ୀଙ୍କ ସମେତ ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର କୁମାର ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ତପନ କୁମାର ରାୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମହାନଗର କେନ୍ଦ୍ରସ୍ଥଳରେ ଥିବା ଏହି ବୃହତ୍ ଜଳାଶୟର ଚତୁର୍ଦ୍ଦିଗରେ ଆକର୍ଷଣୀୟ ପାଦଚଲା ରାସ୍ତା ନିର୍ମାଣ ସାଙ୍ଗକୁ ଲୋକେ ବସିବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ହେବାର ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି । କିଛି ମାସ ତଳୁ ପୋଖରୀ ତଟରେ ଶୁଦ୍ଧି କାର୍ଯ୍ୟର ଦଶାହ ଦିବସରେ ମହିଳା ଓ ପୁରୁଷଙ୍କ ଲୁଗା ବଦଳାଇବା ପାଇଁ ସ୍ୱତନ୍ତ୍ର ଭାବେ ଗୃହ ନିର୍ମାଣ କରାଯାଇଛି। ଏହା ସହ ଡିପ୍ ଟ୍ୟୁବ୍‌ୱେଲ ଖନନ କରାଯାଇ ମୋଟର ପମ୍ପର ମଧ ବ୍ୟବସ୍ଥା କରାଯାଇଛି। ପୁରୁଷ ଓ ମହିଳାଙ୍କ ନିମନ୍ତେ ଶୌଚାଳୟର ବ୍ୟବସ୍ଥା ହୋଇଛି। ଭୂମିପୂଜନ ସମାରୋହରେ କେତେକ ପୂର୍ବତନ କର୍ପୋରେଟର ଯୋଗ ଦେଇଥିଲେ ।

## ସଂକ୍ଷେପରେ

### ଲୁଟ୍ ହୋଇଥିବା ୯ ମୋବାଇଲ ଜବତ

ଜୟପୁର, ୪।୬ (ନି.ପ୍ର.)-ଜୟପୁର ଟାଉନ ପୋଲିସ ମୋବାଇଲ ଲୁଟ୍ ମାମଲାର ପର୍ଦ୍ଦାଫାସ କରିଛି। ଗତ ୩ ଜୁନ୍‌ରେ ମୋବାଇଲ ଲୁଟ୍ ହୋଇଥିବା ନେଇ ଥାନାରେ ଏକ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ପୋଲିସ କେସ୍ ନଂ ୧୧୩/୧୯ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଏହି କ୍ରମରେ ପୋଲିସ ୯ଟି ମୋବାଇଲ ଜବତ କରିବା ସହ ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରିଛି। ଖୁବ୍ ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଜୟପୁର ଏସ୍‌ଡିପିଓ ସାଗରିକା ନାଥ ପ୍ରକାଶ କରିଛନ୍ତି।

### ମହାରାଜା ବିକ୍ରମଦେବ ବର୍ମାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଦାମନଯୋଡ଼ି,୪।୬(ଡି.ଏନ୍.ଏ.): କୋରାପୁଟ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ ନାଲ୍‌କୋ ଶିଳ୍ପାଞ୍ଚଳରେ ଜୟପୁର ମହାରାଜା ବିକ୍ରମଦେବ ବର୍ମାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହ କୌଣସି ଏକ ମାର୍ଗକୁ ତାଙ୍କ ନାମରେ ନାମିତ କରିବାକୁ ଦାବି ହୋଇଛି। ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ବିନୋଦ ମହାପାତ୍ରଙ୍କ ନେତୃତ୍ୱରେ ଜିଲା କାର୍ଯ୍ୟକାରୀ ସଭାପତି ମଦନ ମୋହନ ନାୟକ, ଉପସଭାପତି ଗୁପ୍ତେଶ୍ୱର ଦଣ୍ଡସେନା, ସଦସ୍ୟ କେଦାରନାଥ ବେହେରା, ଦାମନଯୋଡ଼ି ଶାଖା ଆବାହକ ନରସିଂହ ବ୍ରହ୍ମା ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ. ରବିଶଙ୍କର ଦାସଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଶିଳ୍ପନଗରୀ ଦାମନଯୋଡ଼ିରେ ମଧ ଉତ୍କଳ ସମ୍ମିଳନୀର ଏକ ଶାଖା ପ୍ରତିଷ୍ଠା ହେବ ଏବଂ ଏହି ସମ୍ମିଳନୀର ଆବାହକ ଭାବେ ସାମ୍ବାଦିକ ନରସିଂହ ବ୍ରହ୍ମାଙ୍କୁ ଦାୟିତ୍ୱ ଦିଆଯାଇଛି।

### ଏନ୍‌ଏସି ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



ବୁଗୁଡ଼ା,୪।୬(ଡି.ଏନ.ଏ.)-ବୁଗୁଡ଼ା ଏନ୍‌ଏସି କାର୍ଯ୍ୟାଳୟ ଓ ପୌର କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ଦ୍ୱିତୀୟ ଥର ଭାବେ ନିର୍ବାଚିତ ହୋଇଥିବା ବିଧାୟକ ଶ୍ରୀକାନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏନ୍‌ଏସି କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ବିଧାୟକ ସାହୁଙ୍କୁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାଶ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ବିଧାୟକ ବୁଗୁଡ଼ା ଏନ୍‌ଏସିକୁ ସୁନ୍ଦର ଓ ସମୃଦ୍ଧ କରିବା ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେବା ସହ ଏନ୍‌ଏସିର ଉନ୍ନୟନ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ଉତ୍ସବରେ ପୌର କର୍ମଚାରୀ ସଂଘର ସଭାପତି ପୀତବାସ ପ୍ରଧାନ, ଉପସଭାପତି ଜଗଦୀଶ ପଣ୍ଡା, ସମ୍ପାଦକ ଅଶୋକ କୁମାର ସାହୁ, ରାମକୃଷ୍ଣ ପଟ୍ଟନାୟକ, କାଳି ଚରଣ ରଥଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ପୁରୁଣା ହଜିଯାଉଛି, ନୂଆ ଯୋଜନା ଚାଲିଛି

ଭଞ୍ଜନଗର,୪।୬(ଡି.ଏନ.ଏ)

ଜନସଂଖ୍ୟା, କଳ କାରଖାନା ବୃଦ୍ଧି ଆଦି ପ୍ରମୁଖ କାରଣରୁ ଦିନକୁ ଦିନ ପରିବେଶ ପ୍ରଦୂଷଣମାତ୍ରା ବଢ଼ିବାରେ ଲାଗିଛି । ଯାହାକି ଚିନ୍ତାଜନକ ବିଷୟ। ଏହାର ମୁକାବିଲା କରିବା ନିମନ୍ତେ ଲୋକେ ସଚେତନ ହେବା ଆବଶ୍ୟକ। ଏଥିସହ ଜଙ୍ଗଲ ସୁରକ୍ଷା ଓ ନୂଆ ଜଙ୍ଗଲ ସୃଷ୍ଟି କରିବା ଜରୁରୀ। ନଚେତ ଆଗାମୀ ପିଢ଼ୀ ଅନେକ ଅସୁବିଧାର ସମ୍ମୁଖୀନ ହେବେ। ଜୁନ୍ ୫ ତାରିଖ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଉଛି। ବୁଧବାର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏହି ଦିବସ ପାଳନ କରାଯିବ। ହେଲେ ପରିବେଶ ସୁରକ୍ଷା ପ୍ରତି ଯେଭଳି ଆଗ୍ରହ ସୃଷ୍ଟି ହେବା କଥା ତାହା ହେଉନାହିଁ। ଯୋଜନାବିହୀନ ଭାବେ ଚାରାରୋପଣ ହେଉଛି। ରାସ୍ତା ସଂପ୍ରସାରଣ ହେବାପରେ ପୁରୁଣା ଗଛ କାଟି ଦିଆଯାଉଛି। ନୂଆ ଯୋଜନାରେ ଚାରାରୋପଣ ହେଉଥିଲେ ମଧ ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉନାହିଁ। ଲୋକଙ୍କ ମଧ୍ୟରେ ସଚେତନତା ଅଭାବ ଏବଂ କିଛି ନ୍ୟସ୍ତସ୍ୱାର୍ଥ କର୍ମଚାରୀଙ୍କ ପାଇଁ ଯୋଜନା ଦିଗହରା ହୋଇଯାଉଛି। ଯେଉଁଠି କର୍ମଚାରୀ ଏବଂ ଲୋକେ ନିଃସ୍ୱାର୍ଥପର ଭାବେ କାମ କରୁଛନ୍ତି, ସେଠାରେ ଅଧିକାଂଶ ଗଛ ସୁରକ୍ଷିତ ରହୁଛି। ଅନ୍ୟପକ୍ଷରେ ବାତ୍ୟା




ନର୍ସରୀରେ ଥିବା ଚାରା।

'ଫନୀ'ରେ ରାଜ୍ୟରେ ଲକ୍ଷଲକ୍ଷ ମୂଲ୍ୟବାନ ଗଛ ନଷ୍ଟ ହୋଇଯାଇଛି । ଫନୀ ପ୍ରଭାବିତ ଅଞ୍ଚଳରେ ଚାରାରୋପଣ ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଯାହାକି ରାଜ୍ୟରେ ନୂଆ ସରକାରଙ୍କ ପାଇଁ ଏହା ଚ୍ୟାଲେଞ୍ଜ ହୋଇଛି।

ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ ଉତ୍ତର ଘୁମୁସର ବନଖଣ୍ଡ ଓ ଦକ୍ଷିଣ ଘୁମୁସର ବନଖଣ୍ଡରେ ଗତବର୍ଷ ବନମହୋତ୍ସବ ସପ୍ତାହ ଅବସରରେ ଲକ୍ଷ ଲକ୍ଷ ଚାରାରୋପଣ ହୋଇଥିଲା। ଏଥିସହ ଲୋକଙ୍କୁ ବିଭିନ୍ନ ଯୋଜନାରେ ଚାରା

## ଆଜି ବିଶ୍ୱ ପରିବେଶ ଦିବସ

ଯୋଗାଇ ଦିଆଯାଇଥିଲା। ଚଳିତବର୍ଷ ଉତ୍ତର ଓ ଦକ୍ଷିଣ ଘୁମୁସର ବନଖଣ୍ଡ ପକ୍ଷରୁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଚାରାରୋପଣ ପାଇଁ ଯୋଜନା ଅଛି । ଏଥିପାଇଁ ବିଭିନ୍ନ ନର୍ସରୀରେ ଚାରା ପ୍ରସ୍ତୁତ ହୋଇ ରହିଛି । ପ୍ରତିବର୍ଷ ବିଭିନ୍ନ ଅନୁଷ୍ଠାନକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ପକ୍ଷରୁ ଜଙ୍ଗଲ ସୁରକ୍ଷା, ନୂଆ ଜଙ୍ଗଲ ସୃଷ୍ଟି ପାଇଁ ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରକୃତି ମିତ୍ର ପୁରସ୍କାର ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଛି । ଏଥିସହ ଅଗଷ୍ଟ ୧୫ରେ ଜିଲା ପ୍ରଶାସନ ପକ୍ଷରୁ ବ୍ୟକ୍ତିଗତ ଭାବେ ପ୍ରକୃତି ବନ୍ଧୁ ପୁରସ୍କାର ସହ ୫ ହଜାର ଟଙ୍କା ପ୍ରଦାନ କରାଯାଉଛି । କିନ୍ତୁ ଉକ୍ତ ପୁରସ୍କାର ଠିକ୍ ଅନୁଷ୍ଠାନ ଓ ପ୍ରକୃତ ବ୍ୟକ୍ତିଙ୍କୁ ଅଧିକାଂଶ ସମୟ କମିଟି ପକ୍ଷରୁ ଚୟନ କରାଯାଉନାହିଁ। ପ୍ରକୃତ ଅନୁଷ୍ଠାନ ଓ ବ୍ୟକ୍ତି ପୁରସ୍କାର ସମ୍ପର୍କରେ ଜାଣି ପାରୁ ନ ଥିବା ଯୋଗୁ ଏହାର ସୁଯୋଗ ଚର୍ଚ୍ଚାରେ ରହୁଥିବା କିଛି ବ୍ୟକ୍ତି ଓ ଅନୁଷ୍ଠାନ ଫାଇଦା ନେଉଛନ୍ତି। ଜାଇକା ଯୋଜନା ମାଧ୍ୟମରେ ଜଙ୍ଗଲ ନିକଟବର୍ତ୍ତୀ ଲୋକଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବା ପାଇଁ ପଦକ୍ଷେପ ନିଆଯାଉଛି। କିନ୍ତୁ ତାହାର ସଫଳତା ନେଇ ସନ୍ଦେହ ପ୍ରକାଶ ପାଇଛି ।

### ସେମାନେ କୁହନ୍ତି

ପରିବେଶ ସୁରକ୍ଷା କେବଳ ବନ ବିଭାଗର କାର୍ଯ୍ୟ ନ ହେଉ। ଏଥିପାଇଁ ସମସ୍ତେ ଆଗଭର ହେବା ଆବଶ୍ୟକ। ପାଣି, ପବନ, ବୃକ୍ଷର ସୁରକ୍ଷା କରିବାକୁ ପଡ଼ିବ। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଯୋଜନା ହାତକୁ ନିଆଗଲେ ପରିବେଶ ସୁରକ୍ଷା ହୋଇପାରିବ ।

**ଶୂଳପାଣି ଶତପଥୀ, ଅବସରପ୍ରାପ୍ତ ବନ କର୍ମଚାରୀ**

ଚଳିତବର୍ଷ ଦକ୍ଷିଣ ଘୁମୁସର ବନଖଣ୍ଡ ପକ୍ଷରୁ ବିଭିନ୍ନ ଜଙ୍ଗଲରେ ୧୭ଲକ୍ଷ ୫୦ ହଜାର ଚାରାରୋପଣ କରାଯିବ। ଲୋକଙ୍କୁ ବିଭିନ୍ନ ଯୋଜନାରେ ପ୍ରାୟ ୯ଲକ୍ଷ ଚାରା ବଣ୍ଟାଯିବ। ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ରେ ବିଶ୍ୱ ପରିବେଶ ଦିବସ ପାଳନ ହେବ। ଜଙ୍ଗଲ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯିବ।

**ସତ୍ୟନାରାୟଣ ଦେହୁରୀ, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ।**

## ବେଆଇନ ବାଲି, ମୋରମ ଚାଲାଣ

### ୧୦ ଗାଡ଼ିରୁ ଜରିମାନା ଆଦାୟ

ହିଞ୍ଜିଳିକାଟୁ,୪।୬(ଡି.ଏନ୍.ଏ.)

ଘୋଡ଼ାହାଡ଼ ଓ ରଷିକୁଲ୍ୟା ନଦୀରୁ ବେଆଇନ ଭାବେ ବାଲି ଏବଂ ବିଭିନ୍ନ ପାହାଡ଼ରୁ ମୋରମ ଓ ମାଟି ଚୋରାଚାଲାଣ ହେଉଥିବା ବେଳେ ହିଞ୍ଜିଳିକାଟୁ ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ୧୦ ଗାଡ଼ିକୁ ଜବତ କରାଯାଇଛି। ମଙ୍ଗଳବାର ହିଞ୍ଜିଳିକାଟୁ ତହସିଲଦାର ଗୋପୀନାଥ କୁଅଁରଙ୍କ ନେତୃତ୍ୱରେ ତହସିଲ କର୍ମଚାରୀଙ୍କୁ ନେଇ ଗଠିତ ୪ଟି ଟିମ ଶିକିରି, ଭାବନ୍ଧ, ବୁରୁପୋଡ଼ା ଓ କଞ୍ଚୁରୁରେ ଚଢ଼ାଉ କରିଥିଲେ। ଏହି ଟିମ ମୋରମ ଓ ମାଟି ଚାଲାଣ କରୁଥିବା ୭ଟି ଟ୍ରକ ଓ ୩ଟି ଟ୍ରାକ୍ଟରକୁ ଯାଞ୍ଚ କରିଥିବା ବେଳେ ଆବଶ୍ୟକ କାଗଜପତ୍ର ପାଇ ନ ଥିଲେ। ତେଣୁ ଉକ୍ତ ଗାଡ଼ି ଗୁଡ଼ିକରୁ ୧ ଲକ୍ଷ ୬୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ପରେ ଗାଡ଼ି ଗୁଡ଼ିକୁ ଛାଡ଼ି ଦିଆଯାଇଛି। ଚଢ଼ାଉରେ ହିଞ୍ଜିଳିକାଟୁ ଅତିରିକ୍ତ ତହସିଲଦାର ସୁନୀଲ କୁମାର ପ୍ରଧାନ, ରାଜସ୍ୱ ନିରୀକ୍ଷକ ସୁନୀଲ ମହାରଣା, ବିନୟ ଶବର, ଦିବାକର ପୂଜାରୀ, ଟିଟୁ ସେଠୀ, ରଘୁମଣି ବେହେରା,ଜି. ଗୋପାଳ ରେଡ୍ଡୀ, ଟୁକୁନା ଗୌଡ଼ ପ୍ରମୁଖଙ୍କ ସହ ରାଜସ୍ୱ ବିଭାଗର ବହୁ କର୍ମଚାରୀ ସାମିଲ ଥିଲେ ।

## ଆସିକା ଡାକ୍ତରଖାନା ସ୍ଥିତି ଅନୁଧ୍ୟାନ କଲେ ବିଧାୟିକା

### ସମସ୍ୟା ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଜଣାଇବେ

ଆସିକା,୪।୬(ଡି.ଏନ୍.ଏ.)

ଆସିକା ସରକାରୀ ଡାକ୍ତରଖାନାରେ ଅବ୍ୟବସ୍ଥା ଲାଗି ରହିଥିବାବେଳେ ମଙ୍ଗଳବାର ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଡାକ୍ତରଖାନା ପରିଦର୍ଶନରେ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ବେଡ୍‌ରେ ଥିବା ରୋଗୀଙ୍କୁ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ. ଦୀପକ ସାମନ୍ତରାୟଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆସିକା ଡାକ୍ତରଖାନାରେ ୭ଜଣ ଡାକ୍ତରଙ୍କ ଜାଗାରେ ମାତ୍ର ୩ଜଣ ଅଛନ୍ତି। ଫଳରେ ଚିକିତ୍ସା ଯୋଗାଇବାରେ ସମସ୍ୟା ଉପୁଜୁଥିବା ନେଇ ଡାକ୍ତର ସାମନ୍ତରାୟ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ତତଃପକ୍ଷେ ଜଣେ ଭେଷଜ ଓ ଜଣେ ଶଲ୍ୟ ଚିକିତ୍ସକଙ୍କୁ ନିଯୁକ୍ତି ସାଙ୍ଗକୁ ଫାର୍ମାସିଷ୍ଟ, ରୋଷେୟା ନିଯୁକ୍ତି ନିମନ୍ତେ ଧ୍ୟାନ ଦେବା ଲାଗି ସେ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ସୂଚନା ଯୋଗ୍ୟ ଯେ, ଆସିକା ସରକାରୀ ଡାକ୍ତରଖାନା ଏକଦା ରେଫେରାଲ୍ ହସପିଟାଲର ମାନ୍ୟତା ପାଇଥିଲା। ନିକଟସ୍ଥ ଶେରଗଡ, ଧରାକୋଟ, କବିସୂର୍ଯ୍ୟନଗର, ବାଲିସିରା, ବାଲିପଦର ଆଦି ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀଙ୍କୁ ଅଧିକ ଚିକିତ୍ସା ଲାଗି ଏଠାକୁ ପଠାଯାଉଥିଲା। ବର୍ତ୍ତମାନ ଏହି



ବିଧାୟିକା ଜଣେ ରୋଗୀଙ୍କୁ ଚିକିତ୍ସା ସେବା ବିଷୟରେ ପଚାରି ବୁଝୁଛନ୍ତି।

ଡାକ୍ତରଖାନା ରେଫେରାଲ୍ ହସପିଟାଲ୍‌ର ମାନ୍ୟତା ହରାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ସମ୍ପୃକ୍ତ ଅଞ୍ଚଳର ରୋଗୀଙ୍କ ସାଙ୍ଗକୁ ଆସିକା ଏନ୍‌ଏସିର ୧୮ଟି ୱାର୍ଡ ଓ ଆସିକା ବ୍ଲକର ବିଭିନ୍ନ ପଞ୍ଚାୟତ ଜନସାଧାରଣ ସ୍ୱାସ୍ଥ୍ୟ ସେବା ଏହି ମେଡିକାଲ ଉପରେ ନିର୍ଭରଶୀଳ। ଏହି ଡାକ୍ତରଖାନାରେ ଭେଷଜ, ଶିଶୁ ଚିକିତ୍ସା, ଶଲ୍ୟ ଚିକିତ୍ସା, ନିଶ୍ଚେତକ ଓ ସାଧାରଣ ଭେଷଜ ବିଭାଗର ଜଣେ ଲେଖାଏଁ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ୨ଜଣ ଡାକ୍ତର ରହିବା ନିୟମ ରହିଛି। ତେବେ ବର୍ତ୍ତମାନ ଦୀର୍ଘଦିନ ଧରି ଜଣେ ଶିଶୁ ଚିକିତ୍ସକ, ଜଣେ ସ୍ତ୍ରୀ ଓ ପ୍ରସୂତି ଓ ଜଣେ ଭେଷଜ ଚିକିତ୍ସକଙ୍କ ଦ୍ୱାରା ଏହି ଡାକ୍ତରଖାନା ଚାଲିଛି। ଦୈନିକ ୨୫୦ ରୁ ୩୦୦ ରୋଗୀ ଚିକିତ୍ସା ଲାଗି ଆସୁଥିବାବେଳେ ୬୦ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନାରେ ୨୦ ରୁ ୩୦ ଶଯ୍ୟାରେ ରୋଗୀ ଚିକିତ୍ସିତ ହେଉଛନ୍ତି। ଏହା ସାଙ୍ଗକୁ ମାସିକ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ପ୍ରସୂତୀ ଆସୁଥିବାବେଳେ ୧୦ ରୁ ୧୫ ମୃତଦେହ ବ୍ୟବଚ୍ଛେଦ ହେଉଛି। ଏହାସହ ନବଜାତ ଶିଶୁଙ୍କ ଲାଗି ରହିଥିବା ପୁଷ୍ଟିସାଧନ କେନ୍ଦ୍ର ଓ ଟୀକାକରଣ କେନ୍ଦ୍ର ପରିଚାଳନା କରିବା କଷ୍ଟସାଧ୍ୟ ହୋଇପଡିଥିବା ଚିକିତ୍ସାଧିକାରୀ ଡାକ୍ତର ସାମନ୍ତରା ସୂଚନା ଦେଇଛନ୍ତି। ତେବେ ବିଧାୟିକାଙ୍କ ଏହି ଗସ୍ତ ପରେ ଡାକ୍ତରଖାନା ପରିସ୍ଥିତି ସମ୍ପର୍କରେ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପୂର୍ବକ ସମସ୍ୟାର ସମାଧାନ ଦିଗରେ ଯଥାସାଧ୍ୟ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ହିଞ୍ଜିଳି ଥାନା ଅଞ୍ଚଳରେ ବଢୁଛି ଚୋରି

ହିଞ୍ଜିଳିକାଟୁ, ୪।୬(ଡ଼ି.ଏନ୍.ଏ.) :

ହିଞ୍ଜିଳି ଥାନା ଅଞ୍ଚଳରେ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ସପ୍ତାହକ ମଧ୍ୟରେ ଏକାଧିକ ଚୋରି ହୋଇଥିଲେ ମଧ ଦୁର୍ବୃତ୍ତଙ୍କୁ କାବୁ କରିବାରେ ପୋଲିସ ସଫଳ ହୋଇପାରୁନାହିଁ। ସୋମବାର ରାତିରେ ଆର୍‌ଏମ୍‌ସି ପରିସରରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ରହୁଥିବା କୃଷି ବିଭାଗର ଅଫିସ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଗ୍ୟାସ ସିଲିଣ୍ଡର, ୧୨ ହଜାର ଟଙ୍କା, ମୋବାଇଲ ଫୋନ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଛନ୍ତି। ଆମ୍ବୁଲାନ୍ସ କର୍ମଚାରୀମାନେ ବ୍ରହ୍ମପୁର ବଡ଼ ମେଡିକାଲରେ ରୋଗୀଙ୍କୁ ଛାଡି ଫେରିବା ପରେ ରାତି ପ୍ରାୟ ୧୦ଟାରେ ଚୋରି ସମ୍ପର୍କରେ ଜାଣିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସେହିପରି ରବିବାର ରାତିରେ ସୋମପୁର ଗ୍ରାମରୁ ସୁରେନ୍ଦ୍ର ଗୌଡ଼ଙ୍କ ୫ଟି ମେଣ୍ଢା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଘରୁ ଚୋରି ଘଟଣାରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଉପରେ ପୋଲିସ ସନ୍ଦେହ କରୁଛି। ଦୁର୍ବୃତ୍ତଙ୍କୁ ଧରିବା ପାଇଁ ତନାଘନା ଚାଲିଛି।

## ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ବିରୋଧରେ ପେନ୍‌ସନଧାରୀଙ୍କ ଅଭିଯୋଗ

ହିଞ୍ଜିଳିକାଟୁ,୪।୬(ଡ଼ି.ଏନ୍.ଏ):

ହିଞ୍ଜିଳିକାଟୁ ଆନ୍ଧ୍ରା ବ୍ୟାଙ୍କ ଶାଖା ଜରିଆରେ ପେନସନଧାରୀମାନେ ଠିକ ସମୟରେ ସେମାନଙ୍କ ଟଙ୍କା ପାଇ ପାରୁନାହାନ୍ତି। ବାରମ୍ବାର ଦାବି କଲେ ମଧ ଏଟିଏମ କାର୍ଡ଼ ଦେବାରେ ବ୍ୟାଙ୍କ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। କୌଣସି ଏକ ନିର୍ଦ୍ଦିଷ୍ଟ ତାରିଖରେ ପେନସନ ଦିଆଯାଉ ନ ଥିବାରୁ ବହୁ ଦୂରଦୂରାନ୍ତରୁ ଆସୁଥିବା ପେନସନଧାରୀ ବ୍ୟାଙ୍କକୁ ଆସି ନିରାଶରେ ଫେରୁଛନ୍ତି। ଅଭିଯୋଗ କଲେ ଅନ୍ୟ ବ୍ୟାଙ୍କ ଦ୍ୱାରା ପେନସନ ଉଠାଇବାକୁ ଧମକ ଦିଆଯାଉଥିବା ଅଭିଯୋଗ ହୋଇଛି। ତେଣୁ ଜିଲାପାଳ ଏଥିରେ ହସ୍ତକ୍ଷେପ କରିବାକୁ ପେନସନଧାରୀ ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର ଅନୁରୋଧ କରାଯାଇଛି। ପୂର୍ବରୁ ବହୁବାର ସମସ୍ୟା ସମାଧାନ ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ ସୁଫଳ ମିଳିଲାନି। ତେଣୁ ବାଧ ହୋଇ ସଂଘ ଚରମପନ୍ଥା ଅବଲମ୍ବନ କରିବ ବୋଲି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ନୃସିଂହ ପ୍ରସାଦ ପଟ୍ଟନାୟକଙ୍କ ସମେତ ପଦ୍ମ ଲୋଚନ ଦାଶ, ଗୋରାଚାନ୍ଦ ପଟ୍ଟନାୟକ, ବିପିନ ବିହାରୀ ମହାପାତ୍ର, ପଦ୍ମ ଚରଣ ପାଠୀ, ସୁଦର୍ଶନ ଖାଡ଼ଙ୍ଗା, ଗୋପୀନାଥ ପଣ୍ଡା। ମୋହିରାମ ସ୍ୱାଇଁ, ସୁରେନ୍ଦ୍ର ନାଥ ପଟ୍ଟନାୟକଙ୍କ ପ୍ରମୁଖ ବରିଷ୍ଠ ନାଗରିକ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଆନ୍ଧ୍ରା ବ୍ୟାଙ୍କ ଶାଖା ପରିଚାଳକ ଟୁବୁରାମ ମୁଣ୍ଡା ସଂଘର ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ପ୍ରତିବର୍ଷ ନଭେମ୍ବରରେ ପେନସନଧାରୀମାନେ ଲାଇଫ ସାର୍ଟିଫିକେଟ ପ୍ରଦାନ କରୁନ ଥିବାରୁ ଏଟିଏମ ସୁବିଧା ପ୍ରଦାନ କରାଯାଉନାହିଁ ବୋଲି କହିଛନ୍ତି।

## ଏମ୍‌ପି, ବିଧାୟକଙ୍କୁ ଭେଟିଲେ ତାଲୁକା ରେଡ୍ଡୀ ସଂଘ କର୍ମକର୍ତ୍ତା

ଗଞ୍ଜାମ,୪।୬(ଡି.ଏନ.ଏ.)

ଗଞ୍ଜାମ ତାଲୁକା ରେଡ୍ଡୀ ସଂଘର କର୍ମକର୍ତ୍ତା ମଙ୍ଗଳବାର ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଏବଂ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କୁ ପୃଥକ୍ ଭାବେ ଭେଟି ସମ୍ବର୍ଦ୍ଧନା ଜଣାଇଛନ୍ତି। ଏଥିସହିତ ସଂଘର ଉନ୍ନତି ଓ ବିକାଶ ପାଇଁ ଆଲୋଚନା କରିଥିଲେ। ଜିଲା ସମ୍ପାଦକ ଶ୍ରୀନିବାସ ରେଡ୍ଡୀ, ତାଲୁକା ସଂଘ ସଭାପତି ଆର. ଭାଗ୍ୟ ରେଡ୍ଡୀ, ସମ୍ପାଦକ ସଞ୍ଜୀବ ରେଡ୍ଡୀ, ଉପସଭାପତି ଦୟାନିଧି ପ୍ରଧାନ, ଜୋନ ସମ୍ପାଦକ ମୁରଲୀ ପ୍ରଧାନ, ଡି. ସାତେୟା ପ୍ରମୁଖ ଉପସ୍ଥିତ ଥିଲେ।

## କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଛତ୍ରପୁର,୪।୬(ଡି.ଏନ.ଏ.)

ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୌଭାଗ୍ୟ କୁମାର ସାହୁଙ୍କୁ ମଙ୍ଗଳବାର ଛତ୍ରପୁର ନାଗରିକ କମିଟି ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ସ୍ଥାନୀୟ ପବ୍ଲିକ୍ ସ୍କୁଲ ସଭାଗୃହରେ ଅନୁଷ୍ଠିତ ଉତ୍ସବରେ ପ୍ରଫୁଲ୍ଲ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷ ତାଙ୍କ ଅନୁଭୂତି ଉପସ୍ଥାପନ କରିଥିଲେ । ଏଥିରେ ଛତ୍ରପୁର ନାଗରିକ କମିଟି ଅଧ୍ୟକ୍ଷ ଗୋକୁଳ ଚନ୍ଦ୍ର ପଣ୍ଡା, ସମ୍ପାଦକ ସୁଧୀର ସାହୁ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରା, ଓକିଲ ପ୍ରଦୀପ ପାଢୀ, ପ୍ରଧାନ ଶିକ୍ଷକ ଅଜିତ ସେଠୀ, ସିଆରସିସି ମନୋଜ ତ୍ରିପାଠୀ, ଅଲେଖ କୁମାର ସେଠୀ ପ୍ରମୁଖ ଯୋଗଦେଇ ଅବସର ନେଇଥିବା ଅଧ୍ୟକ୍ଷଙ୍କ କାର୍ଯ୍ୟ ଧାରାକୁ ପ୍ରଶଂସା କରିବା ସହ ସମ୍ଭାଷଣ ଦେଇଥିଲେ ।



■କେଏସ୍‌ୟୁବି କଲେଜ: ପ୍ରଥମ ଶ୍ରେଣୀରେ ୧୮ ଛାତ୍ରୀଛାତ୍ର ପାସ୍

## ବେଲଗୁଣ୍ଠା ମହିଳା ମହାବିଦ୍ୟାଳୟ ଯୁକ୍ତ୨ ବିଜ୍ଞାନରେ ସମସ୍ତ ଛାତ୍ରୀ ଫେଲ୍

ଭଞ୍ଜନଗର,୪।୬(ଡି.ଏନ.ଏ)

ଗତବର୍ଷ ତୁଳନାରେ ଚଳିତ ବର୍ଷ ଯୁକ୍ତ୨ ବିଜ୍ଞାନ ପାସ୍ ହାର କମିଛି। ଏହାର ମୁଖ୍ୟକାରଣ ସିସିଟିଭି କ୍ୟାମେରା ବୋଲି କୁହାଯାଉଛି। ଏଥିସହ ଶିକ୍ଷାଦାନ ଠିକ୍ ନହେବା, ଛାତ୍ରୀଛାତ୍ରଙ୍କ ପାଠପଢ଼ା ପ୍ରତି ଅନାଗ୍ରହ ମଧ୍ୟ ଅନ୍ୟ ଏକ କାରଣ। ସିସିଟିଭି କ୍ୟାମେରା ପରୀକ୍ଷା କେନ୍ଦ୍ରରେ ବାଧ୍ୟତାମୂଳକ କରାଯିବା ପରେ କପି କରିବା ମନୋବୃତ୍ତି ରଖିଥିବା ଛାତ୍ରୀଛାତ୍ରମାନେ ସୁଯୋଗ ପାଇନଥିଲେ। ଏଥିସହ କେତକ ସ୍ଥାନରେ ଛାତ୍ରୀଛାତ୍ର ସିସିଟିଭି କ୍ୟାମେରା ପାଇଁ ମାନସିକ ଚାପରେ ମଧ ରହିଥିଲେ। ଏହିଭଳି ବେଲଗୁଣ୍ଠା ମହିଳା ମହାବିଦ୍ୟାଳୟର ରେଗୁଲାରରେ ପରୀକ୍ଷା ଦେଇଥିବା ଏକମାତ୍ର ଛାତ୍ରୀ ଓ ଏକ୍ସ ରେଗୁଲାରରେ ପରୀକ୍ଷା ଦେଇଥିବା ଜଣେ ଛାତ୍ରୀ ଫେଲ୍ ହୋଇଥିବା ଜଣାପଡ଼ିଛି। ସୋମବାର ପରୀକ୍ଷା ଫଳ ପ୍ରକାଶ ପରେ ଏନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଭାବକ ଓ ସମ୍ପୃକ୍ତ ଛାତ୍ରୀ ହତୋତ୍ସାହିତ ହୋଇପଡ଼ିଛନ୍ତି। ଅଭିଭାବକମାନେ ଶିକ୍ଷାଦାନ ବ୍ୟବସ୍ଥା ଉପରେ ଦୋଷାରୋପ କରିଥିବା ବେଳେ କଲେଜ କର୍ତ୍ତୃପକ୍ଷ କିନ୍ତୁ ଏହାକୁ ଖଣ୍ଡନ କରିଛନ୍ତି। ଏହିଭଳି ପରିସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ କଲେଜ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ସମ୍ଭାବନା ରହିଛି। ଏନେଇ ସରକାର ମଧ ସୋମବାର ଘୋଷଣା କରିଛନ୍ତି। ଯାହା ଏବେ ବେଲଗୁଣ୍ଠାରେ ଚର୍ଚ୍ଚାର ବିଷୟ। ବିଗତବର୍ଷମାନଙ୍କରେ ଏହି ମହାବିଦ୍ୟାଳୟର ଅନେକ ଛାତ୍ରୀ କୃତକାର୍ଯ୍ୟ ହୋଇ କଲେଜର ସୁନାମ ରଖିଛନ୍ତି। କିନ୍ତୁ ଚଳିତବର୍ଷ ଫଳାଫଳକୁ ନେଇ ସମସ୍ତେ ଚକିତ ହୋଇପଡ଼ିଛନ୍ତି। ଅନ୍ୟ ପକ୍ଷରେ ଅଧିକ ଛାତ୍ରୀ ପରୀକ୍ଷା ଦେଇଥିଲେ ଏହିଭଳି ସମସ୍ୟାର ସମ୍ମୁଖିନ ହେବାକୁ ପଡ଼ିନଥାନ୍ତା ବୋଲି କଲେଜର ଜଣେ ଅଧ୍ୟାପିକା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ (କେଏସ୍‌ୟୁବି), ସାବିତ୍ରୀ ମହିଳା ମହାବିଦ୍ୟାଳୟର ପରୀକ୍ଷାଫଳ ଭଲ ଥିବା ଜଣାପଡ଼ିଛି। କେଏସ୍‌ୟୁବି କଲେଜରେ ପ୍ରଥମ ଶ୍ରେଣୀରେ ୧୮ ଛାତ୍ରୀଛାତ୍ର ପାସ୍ ହୋଇଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୩୮ ଜଣ ଓ ତୃତୀୟ ଶ୍ରେଣୀରେ ୭୯ ଛାତ୍ରୀଛାତ୍ର ପାସ୍ ହୋଇଛନ୍ତି। ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ୧୩୭ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୦୮ ଛାତ୍ରୀ ପାସ୍ କରିଛନ୍ତି। ଏମ୍. ମୋନାଲିସା ପାତ୍ର ୫୧୮ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

■ଛତ୍ରପୁର ବ୍ଲକକୁ ଏକ ନମ୍ବର କରିବାକୁ ବିଧାୟକଙ୍କ ଗୁରୁତ୍ୱ

## ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ଛତ୍ରପୁର,୪।୬(ଡି.ଏନ୍.ଏ.)

ନବନିର୍ବାଚିତ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କୁ ମଙ୍ଗଳବାର ବ୍ଲକ କର୍ମଚାରୀ, ପଞ୍ଚାୟତିରାଜ ପ୍ରତିନିଧି, ଓଡିଶା ଜିବୀକା ମିଶନ ଟିମ୍ ଓ ଶିକ୍ଷା ବିଭାଗ ପକ୍ଷରୁ ପୃଥକ ପୃଥକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏନେଇ ସ୍ଥାନୀୟ ଛତ୍ରପୁର ବ୍ଲକ ସମ୍ମିଳନୀଗୃହରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପରେ ଛତ୍ରପୁର ବ୍ଲକର ବିଭିନ୍ନ ଗାଁରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ନେଇ ନବନିର୍ବାଚିତ ବିଧାୟକ ବେହେରା ସମୀକ୍ଷା କରିଥିଲେ। ଅନୁଷ୍ଠିତ ସଭାରେ ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍ ଧନଞ୍ଜୟ ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଧାୟକ ବେହେରା ଯୋଗଦେଇ ଛତ୍ରପୁର ବ୍ଲକକୁ ଆଦର୍ଶ ସହ ବିକଶିତ କରି ରାଜ୍ୟରେ ଏକ ନମ୍ବର କରିବା ଉପରେ ଗୁରୁତ୍ୱାରୋପ କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ନିର୍ଦ୍ଧାରିତ ସମୟରେ ସହାୟତା ବଣ୍ଟନ ସହ କିଭଳି ଲକ୍ଷ୍ୟ ପୂରଣ



ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ହୋଇପାରିବ ସେଉପରେ ବିଧାୟକ ଗୁରୁତ୍ୱ ଦେଇଛନ୍ତି। ଜିଲାପରିଷଦ ସଭାପତି ଥିବାବେଳେ ମଧ ବର୍ତ୍ତମାନର ନବନିର୍ବାଚିତ ବିଧାୟକ ସର୍ବଦା ଛତ୍ରପୁର ବ୍ଲକର ବିଭିନ୍ନ ବିକାଶ କାର୍ଯ୍ୟରେ ହାତ ବଢାଇଛନ୍ତି ଏବଂ ଆଗାମୀ ୫ବର୍ଷ ମଧ ଏହି ଧାରା ବଜାୟ ରଖିବାକୁ ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ ସମ୍ବର୍ଦ୍ଧନା ସଭାରେ ଅନୁରୋଧ କରିଥିଲେ। ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ ଏହାକୁ ସଂଯୋଜନା କରିଥିବାବେଳେ ଏବିଡିଓ ପ୍ରଦୀପ କୁମାର ପଣ୍ଡା ସ୍ୱାଗତ ସମ୍ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ଅମିତା ସାହୁ ଓ ସିଡିପିଓ କ୍ରିଷ୍ଣା କୁମାରୀ ନନ୍ଦ ମଞ୍ଚାସୀନ ଥିଲେ। ପରେ ଛତ୍ରପୁର ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ମଧୁବାବୁ ପେନସନ୍ ଯୋଜନାରେ ୧୪୪୯ ଜଣଙ୍କୁ ସାମିଲ କରିବାକୁ ବାକି ରହିଛି। ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୧୫୦ ଜଣ ପରିବାରଙ୍କୁ ସାମିଲ କରାଯିବ। ପ୍ରଧାମନ୍ତ୍ରୀ ଆବାସ ଯୋଜନାରେ ଜଣଙ୍କୁ ସାମିଲ ପାଇଁ ବାକି ଥିବା ସୂଚନା ଦିଆଯାଇଥିଲା। ୨୩୪ ନିର୍ମାଣ ଶ୍ରମିକଙ୍କୁ ମଧ୍ୟରୁ ୧୧୦ ଜଣଙ୍କୁ ଘର ନିର୍ମାଣ ପାଇଁ ସହାୟତା ଦିଆଯାଇଛି। ତୁରନ୍ତ ଅନ୍ୟମାନଙ୍କୁ ଯୋଜନାରେ ସାମିଲ କରିବାକୁ ଛତ୍ରପୁର ବିଧାୟକ ବେହେରା ଗୁରୁତ୍ୱାରୋପ କରିଥିଲେ। ବସୁଧା ଯୋଜନାରେ ଛତ୍ରପୁର ବ୍ଲକର କୁମାରବେଗପଲ୍ଲୀ ଓ ଗଙ୍ଗାପୁରରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇନି। ବଳରାମପୁରରେ ପ୍ରକଳ୍ପ ପାଇଁ ଜମି ବିବାଦ ରହିଛି। ଦୁଆନପଲ୍ଲୀ, ହଂସପୁରରେ ପ୍ରକଳ୍ପ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୋବା, ନରେନ୍ଦ୍ରପୁରରେ ପ୍ରକଳ୍ପ ପାଇଁ ଟେଣ୍ଡର ସରିଛି। ବଡପୁଟି ଅଞ୍ଚଳରେ ପାଣି ସମସ୍ୟା ଦୂର ପାଇଁ ଏକ ସ୍ୱତନ୍ତ୍ର ବୈଠକ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ପୂର୍ବତନ ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ ୫୮ ନଳକୂପ ପାଇଁ ତାଲିକା ଦେଇଥିଲେ। ସେଥିରୁ ୪ଟି ଖନନ ହୋଇଛି। ବର୍ଷାଦିନ ପୂର୍ବରୁ ଏହାର ଖନନ ସାରିବାକୁ ବୈଠକରେ ବିଧାୟକ ଓ ବ୍ଲକ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ୫୫ ଅଙ୍ଗନୱାଡି କେନ୍ଦ୍ର ପାଇଁ ମଞ୍ଜୁରୀ ମିଳିଥିବାବେଳେ ୩୩ଟିର ନିର୍ମାଣ ସରିଛି। ୨୦ଟିର ନିର୍ମାଣ ଚାଲିଥିବାବେଳେ ୨ଟିର କାମ ଆରମ୍ଭ ହୋଇନି। ଆମଗାଁ ଆମ ବିକାଶ ରେ ୧୧୦ରୁ ୬୬ ପ୍ରକଳ୍ପର କାମ ସରିଛି। ଚାରାରୋପଣ ପାଇଁ ସ୍ୱତନ୍ତ୍ର ଡ୍ରାଇଭ, ଏମ୍‌ପି ଓ ବିଧାୟକ ହାତପାଣ୍ଠି ଅନୁଦାନ ଖର୍ଚ୍ଚ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ସଂକ୍ଷେପରେ

### ଚାଲାଣ ବେଳେ ନାବାଳିକା ଉଦ୍ଧାର

**ବନ୍ତ, ୪।୬(ସ୍ୱ.ପ୍ର.):** ଭଦ୍ରକ ଜିଲା ଆଗରପଡା ଥାନା ବିରିଡି ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ବାହାରକୁ ଚାଲାଣ କରିବା ଲାଗି ନିଆଯାଉଥିବା ବେଳେ ମଙ୍ଗଳବାର ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପୋଲିସ ଜିମା ଦେଇଛନ୍ତି। ଏହି ନାବାଳିକାଙ୍କୁ ଜଣେ ମହିଳା ବାହାରକୁ ଚାଲାଣ କରିବାକୁ ଉଦ୍ୟମ କରିଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ନାବାଳିକା ଜଣଙ୍କ ସୋମବାର ସନ୍ଧ୍ୟାରେ ନିକଟସ୍ଥ ଏକ ଦୋକାନକୁ ଆସିଥିବା ବେଳେ ଉକ୍ତ ମହିଳା ତାଙ୍କ ଘରେ ନ ଜଣାଇ ତାଙ୍କୁ ସାଥୀରେ ନେଇ ଆସିଥିଲେ। ରାତିରେ ସେଉଲଗଡିଆ ଛକ ନିକଟସ୍ଥ ଜଣଙ୍କ ଘରେ ନାବାଳିକାଙ୍କୁ ରଖାଯାଇଥିଲା। ତାଙ୍କୁ ବାହାରକୁ ଚାଲାଣ କରାଯାଉଥିବା ଜଣାପଡିବାରୁ ଘର ଲୋକେ ସମାଜସେବୀ କମଳା ମିଶ୍ର, ମାତୃଶକ୍ତି ମହିଳା ମହାସଂଘ ସମ୍ପାଦିକା ସୁଦୀପ୍ତି ସିଂହ ଓ ସ୍ଥାନୀୟ ସରପଞ୍ଚ ବିଷ୍ଣୁମୋହନ ଜେନାଙ୍କୁ ଖବର ଦେଇଥିଲେ। ସେମାନେ ପହଞ୍ଚି ନାବାଳିକାକୁ ଉଦ୍ଧାର କରି ତାଙ୍କ ମା'ଙ୍କୁ ହସ୍ତାନ୍ତର କରିଥିଲେ । ପରେ ଉଭୟ ମା' ଓ ଝିଅକୁ ପୋଲିସ ଜିମାରେ ଛଡାଯାଇଥିଲା। ଏହି ଘଟଣା ନେଇ ତଦନ୍ତ କରାଯାଉଥିବା ପୋଲିସ କହିଛି।

### ଗିରଫ ୩ ଜୁଆଡ଼ିଙ୍କୁ କୋର୍ଟଚାଲାଣ

**ଭଦ୍ରକ ଅଫିସ, ୪।୬:** ଭଦ୍ରକ ଟାଉନ ଥାନା ପୋଲିସ ରବିବାର ୩ ଜୁଆଡିଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗନ୍ନାଥପୁର ଜେନାସାହିର ଦୀପକ ରାଉତରାୟ, ଲକ୍ଷ୍ମୀଧର ଜେନା ଓ ଦୀପକ ଚାନ୍ଦ। ଟାଉନ ଥାନା ଅଧୀନ ଜଗନ୍ନାଥପୁର ଅଙ୍ଗନୱାଡି କେନ୍ଦ୍ର ନିକଟରେ ଜୁଆଖେଳ ହେଉଥିବା ଖବର ପାଇ ଶନିବାର ସନ୍ଧ୍ୟାରେ ପୋଲିସ ଚଢ଼ାଉ କରିଥିଲା। ପୋଲିସ ସେଠାରୁ ୨୭୦୦ ଟଙ୍କା ଜବତ କରିବା ସହ ଏହି ୩ ଜଣଙ୍କୁ କାବୁ କରି ନେଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୬୭/୧୯) ରୁଜୁ କରାଯାଇ ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ହାଇୱା ଧକ୍କାରେ ବ୍ୟବସାୟୀ ଗୁରୁତର

**ବନ୍ତ, ୪।୬(ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡା ବଜାରରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ବାଲି ବୋଝେଇ ହାଇୱା ଧକ୍କାରେ ରାଧାଶ୍ୟାମ ଗୁପ୍ତା ନାମକ ଜଣେ ବ୍ୟବସାୟୀ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ଗାଡି ଓ ଚାଳକଙ୍କୁ ପୋଲିସ ଥାନାରେ ଅଟକ ରଖି ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ ବ୍ୟବସାୟୀ ରାଧାଶ୍ୟାମ ଆଗରପଡା ବଜାର ମୁଖ୍ୟ ଛକରେ ଠିଆ ହୋଇଥିବା ବେଳେ ବାଲି ବୋଝେଇ ହାଇୱା ଗାଡି କୁପାରୀ ଅଭିମୁଖେ ଯାଉଥିଲା। ମୁଖ୍ୟଛକଠାରେ ଗାଡି ବୁଲାଇବାକୁ ପଛକୁ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ରାଧାଶ୍ୟାମଙ୍କ ମୁଣ୍ଡରେ ଆଘାତ ଲାଗିବା ସହିତ ତାଙ୍କ ବାମଗୋଡ ଭାଙ୍ଗିଯାଇଛି। ତାଙ୍କୁ ଆଗରପଡାରେ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ଓ ସେଠାରୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।

### କେନାଲରେ ବୁଡ଼ି ନାବାଳିକା ମୃତ

**ଚାନ୍ଦବାଲି,୪।୬(ଡି.ଏନ.ଏ):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ନଳଗୋହୀରା ଗ୍ରାମ ପଞ୍ଚାୟତର କୁଆଁରିକାନ୍ଥି ଗାଁର କଇଁ ଦାସ(୧୬) ନାମ୍ନୀ ଜଣେ ନାବାଳିକା ମଙ୍ଗଳବାର ଗାଧୋଇବାକୁ ଯାଇ ପାଣିରେ ବୁଡି ପ୍ରାଣ ହରାଇଛନ୍ତି । ବୈତରଣୀ ନଦୀର ଶାଖା କେନାଲ ଗଳିଆନଈକୁ ସେ ଗାଧୋଇବାକୁ ଯାଇଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । କେନାଲ ନିକଟରୁ ତାଙ୍କ ଚପଲ ମିଳବାରୁ କୁମ୍ଭୀର ତାଙ୍କୁ ଟାଣି ନେଇଥିବା ପରିବାର ଲୋକ ସନ୍ଦେହ ପ୍ରକାଶ କରିଥିଲେ । ଖବରପାଇ ଚାନ୍ଦବାଲି ଅଗ୍ନିଶମ ବିଭାଗୀୟ କର୍ମଚାରୀ କେନାଲରେ ପ୍ରାୟ ୪ଘଣ୍ଟା ଖୋଜିବା ପରେ ନାବାଳିକାଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଘଟଣାର ତଦନ୍ତ କରୁଥିବା କହିଛି।

# କଥାରେ ଅଟକିଛି ନଦୀକୂଳ ସୌନ୍ଦର୍ଯ୍ୟକରଣ

ଚାନ୍ଦବାଲି,୪।୬(ଡି.ଏନ.ଏ)

ଭଦ୍ରକ ଜିଲା ପ୍ରାଚୀନ ବନ୍ଦର ନଗରୀ ଚାନ୍ଦବାଲିର ଦକ୍ଷିଣରେ ପ୍ରବାହିତ ବୈତରଣୀ ନଦୀ ପାର୍ଶ୍ୱରେ ବିଜୁସେତୁଠାରୁ ଟେଲିଫୋନ ଏକ୍ସଚେଞ୍ଜ ପର୍ଯ୍ୟନ୍ତ ପ୍ରାୟ ୨ କି.ମି. ନଦୀକୂଳିଆ ଅଞ୍ଚଳର ସୌନ୍ଦର୍ଯ୍ୟକରଣ ଲାଗି ଦାବି ହେବା ସତ୍ତ୍ୱେ ଏହି ପ୍ରସ୍ତାବ କେବଳ କଥାରେ ଅଟକି ରହିଛି। ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ମଧ୍ୟ ଆଶାନୁରୂପ ହେଉ ନାହିଁ। ସୌନ୍ଦର୍ଯ୍ୟକରଣ ଲାଗି ନଦୀ କଡରେ ଗଛ ଲଗାଇବା, ସିମେଣ୍ଟ ବେଞ୍ଚ ତିଆରି, ଆଲୋକୀକରଣ ଓ ପାନୀୟ ଜଳ ଯୋଗାଣ ଆଦି ବ୍ୟବସ୍ଥା କରାଯିବା ସକାଶେ ବହୁ ପୂର୍ବରୁ ରାଜ୍ୟ ସରକାରଙ୍କୁ ଦାବିପତ୍ର ଓ ପ୍ରସ୍ତାବ ଦିଆଯାଇଥିଲେ ବି ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ। ଭଦ୍ରକ-ଜଗତପୁର ଭାୟା ଚାନ୍ଦବାଲି ରାସ୍ତାର ସମ୍ପ୍ରସାରଣ ବେଳେ ରାସ୍ତା କଡରେ ଥିବା କେତେକ ପୁରୁଣାଗଛ କଟାଯାଇଥିବାରୁ ନଦୀ କୂଳରେ ଗଛ ଛାଇ ଦୁର୍ଲଭ ହୋଇଛି। ଏଥିଲାଗି ଲୋକେ ଅସୁବିଧା ଭୋଗୁଛନ୍ତି।

ଉଲ୍ଲେଖନୀୟ ଯେ, ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ଚାନ୍ଦବାଲିର ବିଭିନ୍ନ


ଚାନ୍ଦବାଲି ନଦୀକୂଳ।

ସଂଗଠନ ପକ୍ଷରୁ ବୋଇତବନ୍ଦାଣ ଉତ୍ସବ ପାଳନ ବେଳେ ନଦୀପଠା ଲୋକାରଣ୍ୟ ହୋଇପଡିଥାଏ। ନଦୀକୂଳର ସୌନ୍ଦର୍ଯ୍ୟକରଣ କରାଗଲେ କାର୍ତ୍ତିକ ପୂର୍ଣ୍ଣୀମା ଅବସରରେ ବାଲିଯାତ୍ରା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସୁବିଧାରେ ହୋଇ ପାରନ୍ତା ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ନଦୀକୂଳକୁ କେତେକ ବ୍ୟବସାୟ ଜବରଦଖଲ କରି ରଖିଥିବାରୁ ଏହା ପରିସର ସଙ୍କୁଚିତ ହେବା ସହିତ ପରିବେଶ ପ୍ରଦୂଷିତ ହେଉଛି। ନଦୀକୂଳିଆ ଅସ୍ଥାୟୀ ହୋଟେଲ ଓ ଅନ୍ୟ ଦୋକାନର ବର୍ଜ୍ୟବସ୍ତୁ ବୈତରଣୀ ନଦୀରେ ମିଶୁଛି । ନଦୀ କଡରେ ବାଲି, ଗୋଡି, ବାଉଁଶ, କାଠ ବେପାର ହେଉଥିବାରୁ ରାସ୍ତା ସଙ୍କୁଚିତ ହେଇ ଦୁର୍ଘଟଣାର କାରଣ ହେଉଛି।

ଏହି ପ୍ରାଚୀନ ବନ୍ଦର ନଗରୀ ନଦୀ କଡରେ ବଡବଜାର, ଲଞ୍ଚଘାଟ, ବସ୍‌ଷ୍ଟାଣ୍ଡ ଓ ଶାସ୍ତ୍ରୀଘାଟ ଭଳି ବ୍ୟସ୍ତ ବହୁଳ ଅଞ୍ଚଳ ରହିଛି। ଏଥିସହ କୋର୍ଟ, ଥାନା, ତହସିଲ ଭଳି କେତେକ ସରକାରୀ ଅଫିସ୍ ରହିଛି । ଭଦ୍ରକ ରେଳଷ୍ଟେଶନରୁ ସଡକପଥରେ ଆସି ଚାନ୍ଦବାଲିରେ ପହଞ୍ଚୁଥିବା ପର୍ଯ୍ୟଟକମାନେ ନଦୀକୂଳରୁ ଘରୋଇ ବୋଟ ଧରି ଭିତରକନିକା ଅଭୟାରଣ୍ୟକୁ ଯାଇଥାଆନ୍ତି । ଭଦ୍ରକ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ନଦୀକଡରେ ଭିତରକନିକାକୁ ଯିବାଲାଗି ଏଣ୍ଟ୍ରିପାସ୍ ବ୍ୟବସ୍ଥା ସହିତ ଏକ ଜେଟି ତିଆରି ହୋଇଛି। ଦିନକୁ ଦିନ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଥିଲେ ବି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହୋଇ ପାରୁ ନାହିଁ ବୋଲି ସ୍ଥାନୀୟ ଭାଜପା ନେତା କାହ୍ନୁ ବେହେରା ଅଭିଯୋଗ କରିଛନ୍ତି। ସେହିପରି ଗରମ ଓ ଗୁଳୁଗୁଳିରୁ ରକ୍ଷା ପାଇବା ଲାଗି ଲୋକେ ଆସି ଜମା ହେଉଥିଲେ ସେମାନଙ୍କ ବସିବା ଲାଗି ପର୍ଯ୍ୟାପ୍ତ ବ୍ୟବସ୍ଥା ହୋଇନାହିଁ । ନଦୀକୂଳର ସୌନ୍ଦର୍ଯ୍ୟକରଣ ହେଲେ ଚାନ୍ଦବାଲିର ପର୍ଯ୍ୟଟନକ୍ଷେତ୍ର ଅଧିକ ବିକଶିତ ହୋଇ ପାରନ୍ତା ବୋଲି ସାହିତ୍ୟିକ ପ୍ରଫୁଲ୍ଲ ଦାସ କହିଛନ୍ତି । ଚାନ୍ଦବାଲିକୁ ଏନଏସି ଘୋଷଣା କରାଯିବା ସତ୍ତ୍ୱେ ନଦୀପଠାର ଉନ୍ନତୀକରଣକୁ ଅଣଦେଖା କରାଯିବା ଉଦ୍‌ବେଗର ବିଷୟ ବୋଲି ଅନୂପ ଜେନା କହିଛନ୍ତି।

## ପ୍ରେମ ବିବାହର ୫ ବର୍ଷ ପରେ ଯୌତୁକ ଝମେଲା
# ଦୁଇପକ୍ଷରୁ ମାରପିଟ୍ ଅଭିଯୋଗ: ଥାନାରେ ପୃଥକ୍ ମାମଲା ରୁଜୁ

ଭଦ୍ରକ ଅଫିସ, ୪।୬

ଯୌତୁକ ନିର୍ଯାତନାର ଶିକାର ହୋଇ ବାପଘରେ ଆଶ୍ରୟ ନେଇଥିବା ବର୍ଷାରାଣୀ ଜେନା ନାମ୍ନୀ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଅସିତ କୁମାର ଯେନା ଓ ଦିଅର ଏକ ବାଇକ୍ ଯୋଗେ ଆସି ଘରେ ପଶି ଆସବାପତ୍ର ଭଙ୍ଗାରୁଜା କରିବା ଘଟଣା ନେଇ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଅସିତଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ମାରଧର କରି ଗଛରେ ବାନ୍ଧି ପକାଇଥିବା ନେଇ ପାଲଟା ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଦୁଇଟି ପୃଥକ୍ ମାମଲା ରୁଜୁ କରି ତଦନ୍ତ କରୁଛି।

ପୋଲିସ ସୂଚନା ଅନୁଯାୟୀ କେନ୍ଦୁଆପଦା ଗାଁର ଅସିତ କୁମାର ଯେନା ଓ ରାମକୃଷ୍ଣପୁର ଗାଁର ବର୍ଷାରାଣୀଙ୍କୁ ୫ ବର୍ଷ ତଳେ ଭଲ ପାଇ ବାହା ହୋଇଥିଲେ। ବର୍ଷାଙ୍କ ଗୋଟିଏ ପୁଅ ରହିଛି। ୯ ମାସ ତଳେ ବାପଘରୁ ଯୌତୁକ ଆଣିବାକୁ ଦାବି କରି ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେବାରୁ ସେ ବାପଘରକୁ ଚାଲି ଆସି ରହୁଥିଲେ। ଶନିବାର ତାଙ୍କ ସ୍ୱାମୀ ଓ ଦିଅର ଏକ ବାଇକ୍ ଯୋଗେ ଆସି ପୁଅକୁ ନେବା ପାଇଁ ଉଦ୍ୟମ କରିବା ସହ ଘରେ ପଶି ଭଙ୍ଗାରୁଜା କରିଥଲେ। ସ୍ଥାନୀୟ ଗ୍ରାମବାସୀ ଏହାକୁ ବିରୋଧ କରିବାରୁ ସେମାନଙ୍କୁ ଆକ୍ରମଣ କରାଯାଇଥିବା ବର୍ଷାରାଣୀ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ଏନେଇ ୪ ଜଣଙ୍କ ନାମରେ ୪୯୮(ଏ), ୨୯୪, ୩୨୩, ୫୦୬, ୩୪, ୪ ଆଇପିସି ଦଫା ଅନୁଯାୟୀ ଗ୍ରାମାଞ୍ଚଳ ଥାନାରେ ମାମଲା(ନଂ ୨୭୭/୧୯) ରୁଜୁ ହୋଇଛି। ଅପରପକ୍ଷେ ବର୍ଷାରାଣୀଙ୍କ ସ୍ୱାମୀ ଅସିତ ପାଲଟା ଅଭିଯୋଗ କରିଛନ୍ତି ଯେ, ସେ ତାଙ୍କ ପୁଅ ଓ ସ୍ତ୍ରୀଙ୍କୁ ଫେରାଇ ଆଣିବା ଲାଗି ସାନଭାଇଙ୍କ ସହ ଶ୍ୱଶୁର ଘର ରାମକୃଷ୍ଣପୁରକୁ ଆସିଥିଲେ। ସେଠାରେ ସେମାନଙ୍କୁ ଆକ୍ରମଣ କରି ଗଛରେ ବାନ୍ଧି ଦିଆଯାଇଥିଲା। କେନ୍ଦୁଆପଦା ଫାଣ୍ଡି ପୋଲିସ ଆସି ସେମାନଙ୍କୁ ଉଦ୍ଧାର କରିଥିଲା। ଏହି ଅଭିଯୋଗ କ୍ରମେ ୩ ରୁ ଉର୍ଦ୍ଧ୍ୱ ଲୋକଙ୍କ ନାଁରେ ୩୪୧,୩୪୨, ୩୨୩, ୨୯୪ ଦଫାରେ ପୋଲିସ ମାମଲା(ନଂ ୨୭୮/୧୯) ରୁଜୁ କରିଥିବା କହିଛି।

## ତାଙ୍କ ଖଞ୍ଜଣି ଓ ଗୀତରେ ରହିଛି ଯାଦୁ

ତିହିଡି, ୪।୬(ଡି.ଏନ୍.ଏ.)

ଜନ୍ମରୁ ଦୃଷ୍ଟିଶକ୍ତି ନାହିଁ। ହେଲେ ଅଦ୍ଭୁତ ଧୀଶକ୍ତିର ଅଧିକାରୀ । ୧୨ ବର୍ଷ ବୟସରୁ ଅଭ୍ୟାସ କରି ମନେ ମନେ ଶବ୍ଦ ସଂଯୋଜନା କରି ଗୀତ ବୋଲି ପାରନ୍ତି। ସେ ଗୀତରେ ଥାଏ ସାମ୍ପ୍ରତିକ ସମୟର ଝଲକ। ତାଙ୍କ ହାତରେ ଖଞ୍ଜଣି ଓ କଣ୍ଠର ଯାଦୁ ଯେ କୌଣସି ଶ୍ରୋତାଙ୍କୁ ମୁଗ୍ଧ କରିଥାଏ। ଏଭଳି ଅନନ୍ୟ ପ୍ରତିଭାର ଅଧିକାରୀ ହେଲେ ଶ୍ରୀଧର ମହାଳିକ, ଯେକି ଗୀତ ବୋଲି ନିଜ ପରିବାରକୁ ସାହା ହୋଇ ଆସିଛନ୍ତି। ମା' ବାପାଙ୍କ ମୃତ୍ୟୁ ପରେ ସ୍ତ୍ରୀ ଓ ପୁଅଝିଅଙ୍କୁ ନେଇ ତାଙ୍କ ପରିବାର। ଝିଅ ୯ମ ଏବଂ ପୁଅ ୭ମ ଶ୍ରେଣୀରେ ପାଠ ପଢୁଛନ୍ତି। ସେମାନଙ୍କୁ ପାଠପଢାଇ କେମିତି ବଡମଣିଷ କରିବେ ସେହି ଚିନ୍ତାରେ ଏବେ ତାଙ୍କ ଦିନ ବିତୁଛି। ଶ୍ରୀଧରଙ୍କ ଘର ଭଦ୍ରକ ଜିଲା ତିହିଡି ଥାନା ବାରସର ପଞ୍ଚାୟତ ଅଧୀନ ବଙ୍ଗାଳିଦପା ଗ୍ରାମରେ । ଜନ୍ମରୁ ଦୃଷ୍ଟିଶକ୍ତି ହରାଇଥିବା ଶ୍ରୀଧରଙ୍କୁ ୩ ବର୍ଷ ହୋଇଥିବା ବେଳେ ତାଙ୍କ ମା'ଙ୍କର ପରଲୋକ ଘଟିଥିଲା। ବାଲ୍ୟାବସ୍ଥାରୁ ଦୁଃଖ ଓ ଅଭାବ କଷଣକୁ ସେ ସାମ୍ନା କରି ଆସିଛନ୍ତି। ତାଙ୍କୁ ୧୨ ବର୍ଷ ହୋଇଥିବା ବେଳେ ସେ ବାପାଙ୍କ ହାତ ଧରି ବାଲେଶ୍ୱର ସହରରେ ବୁଲି ଗୀତ ଗାଇ ଭିକ୍ଷାବୃତ୍ତି ଆରମ୍ଭ କରିଥିଲେ। ପ୍ରଥମେ ଶୁଣି ଶୁଣି ମନେ ରଖିଥିବା ଭଜନ ଓ ଜଣାଣ ଗାଉଥିଲେ। ପରେ ମନକୁ ମନ ଫାନ୍ଦି ଗୀତ ଗାଇବା ଆରମ୍ଭ କଲେ। ପେଟ ଚାଖଣ୍ଡକ ପାଇଁ ସେବେଠାରୁ ସେ ଗାଁ ଗାଁ ବୁଲି ଗୀତ ବୋଲି ଆସୁଛନ୍ତି।

ଗାଁ କୁ ଗାଁ ବୁଲିବା ବେଳେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେବାକୁ ପଡିଛି। ଗତବର୍ଷ ବାପାଙ୍କ


ଜଣେ ଅଲେଖବାବାଙ୍କ ସହ ବୁଲି ଭିକ୍ଷାବୃତ୍ତି କରୁଛନ୍ତି ଶ୍ରୀଧର।

ସହ ରାତିରେ ଘରକୁ ଫେରୁଥିବା ବେଳେ ବଙ୍ଗାଳିଦପା ପୋଲ ପାଖରେ ତଳକୁ ଖସିପଡିଥିଲେ। ଏଥିରେ ଉଭୟ ବାପପୁଅ ଗୁରୁତର ଆହତ ହୋଇଥିଲେ। ଏହି ଦୁର୍ଘଟଣାର ୬ ମାସ ପରେ ତାଙ୍କ ବାପା ଆଖି ବୁଜି ଦେବାରୁ ଶ୍ରୀଧର ନିଃସହାୟ ହୋଇପଡିଥିଲେ। ପରେ ମହିମା ଧର୍ମରେ ଦୀକ୍ଷିତ ହୋଇ ସେ ଆଧାତ୍ମିକ ଜୀବନ ଜିଇବା ଆରମ୍ଭ କରିଛନ୍ତି । ଶ୍ରୀଧର କହନ୍ତି, ମାଟିଘର ଖଣ୍ଡିକ ଛଡା ତାଙ୍କର ଆଉ କିଛି ସମ୍ବଳ ନାହିଁ। ସରକାରୀ ଭାବେ ଏବେ ଭତ୍ତା ଏବଂ ଟଙ୍କିକିଆ ଚାଉଳ ମିଳୁଛି। କିଛି ବର୍ଷ ତଳେ ତାଙ୍କ ବାପାଙ୍କୁ ଇନ୍ଦିରା ଆବାସ ଲାଗି ପ୍ରଥମ କିସ୍ତିରେ ୫ ହଜାର ଟଙ୍କା ମିଳିଥିଲା। ସେଥିରେ ସେ ଘର ତିଆରି କରିବା ଆରମ୍ଭ କରିପାରି ନ ଥିଲେ। ଫଳରେ ତାଙ୍କୁ ଆଉ ଟଙ୍କା ମିଳି ନ ଥିଲା। ତାଙ୍କୁ ବିଜୁ ପକ୍କାଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସ ମିଳିଲେ ସେ ମୁଣ୍ଡ ଗୁଞ୍ଜି ରହି ପାରନ୍ତେ। ତାଙ୍କ ବାପାଙ୍କ ମୃତ୍ୟୁ ପରେ ଜଣେ ଅଲେଖ ବାବାଙ୍କ ହାତ ଧରି ସେ ପେଟ ପାଇଁ ଏବେ ମଧ୍ୟ ଗାଁ ବୁଲା ଜାରି ରଖିଛନ୍ତି। ମନେ ମନେ ଫାନ୍ଦି ଗୀତ ବୋଲିବା ଶକ୍ତି ଈଶ୍ୱରଦତ୍ତ ବୋଲି ସେ କହନ୍ତି।

## ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଟ୍ରକରୁ ୨୦ ହଜାର ଟଙ୍କା ଲୁଟ୍

ଚାନ୍ଦବାଲି,୪।୬(ଡି.ଏନ.ଏ)

ଭଦ୍ରକ-ଚାନ୍ଦବାଲି ରାସ୍ତାର ଖେରଙ୍ଗ ଓ ନାଲଗୁଣ୍ଡା ବଜାର ମଝିରେ ଥିବା ଏକ ପୋଲ ନିକଟରୁ ମଙ୍ଗଳବାର ଅପରାହ୍ଣରେ ଏକ ଟ୍ରକରୁ ୨୦ ହଜାର ଟଙ୍କା ଲୁଟି ନିଆଯାଇଥିବା ପୋଲିସରେ ଅଭିଯୋଗ ହୋଇଛି । ମତୋ ଫାଣ୍ଡି ପୋଲିସ ଏହାର ତଦନ୍ତ କରୁଛି।

ପୋଲିସ ସୂଚନା ଅନୁଯାୟୀ ତାମିଲନାଡୁରୁ ଆମ୍ବ ବୋଝେଇ କରି ଏହି ଟ୍ରକ ଚାନ୍ଦବାଲି ଥାନା ଅଧୀନ ମତୋ ବଜାରକୁ ଆସୁଥିଲା । ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଏକ ବାଇକରେ ୩ଜଣ ଦୁର୍ବୃତ୍ତ ଏହାକୁ ପିଛା କରିଥିଲେ। ସେମାନେ ନାଲଗୁଣ୍ଡା ଘୋଷରା ସଂଲଗ୍ନ ପୋଲ ନିକଟରେ ଟ୍ରକକୁ ଅଟକାଇ ଡ୍ରାଇଭରଙ୍କୁ ମାଡ ମାରିଥିଲେ। ଏହାପରେ ଲୁଟେରାମାନେ ଗାଡିର ଏକ ବାକ୍ସରେ ଥିବା ୨୦ ହଜାର ଟଙ୍କାକୁ ଲୁଟି ନେଇଥିଲେ । ଲୁଟେରାମାନେ ଆସିଥିବା ବାଇକର ନମ୍ବର ପ୍ଲେଟ୍‌ରେ ନୀଳ ରଙ୍ଗର କପଡା ବାନ୍ଧିଥିଲେ । ଲୁଟ୍ ଘଟଣାପରେ ଗାଡି ଡ୍ରାଇଭର ସି. ଜୟଶଂକର ସିଂ ମତୋ ଆମ୍ବ ଗୋଦାମର ମାଲିକଙ୍କୁ ଖବର ଦେଇଥିଲେ। ପରେ ସେ ଏନେଇ ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଥିଲେ ମଧ୍ୟ ଲୁଟେରାଙ୍କ ପତ୍ତା ପାଇନାହିଁ ।

# ରାସ୍ତାକଡ଼ ଗଛକଟାକୁ ବିରୋଧ

ଭଦ୍ରକ ଅଫିସ, ୪।୬

ଭଦ୍ରକ ସହରରେ ରାସ୍ତା ଓ ଡ୍ରେନ୍ ନିର୍ମାଣ ଆଳରେ ଶତାଧିକ ବର୍ଷର ପୁରୁଣା ଗଛ କଟା ଯାଉଥିବାରୁ ଏହାକୁ ବିଭିନ୍ନ ସଂଗଠନ ପକ୍ଷରୁ ବିରୋଧ କରାଯାଉଛି। ଏହି ପରିପ୍ରେକ୍ଷୀରେ ରୂପାୟନ ଓ ଉତ୍କଳମଣି ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ସୋମବାର ଜିଲାପାଳ ଜ୍ଞାନ ରଞ୍ଜନ ଦାସଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରୂପାୟନର ଭଦ୍ରକ ଜିଲା ସଭାପତି ପ୍ରମୋଦ ରାୟ ଏବଂ ଉତ୍କଳମଣି ଫାଉଣ୍ଡେଶନ ଟ୍ରଷ୍ଟର କର୍ମକର୍ତ୍ତା ସୁକାନ୍ତ ମହାନ୍ତି, ଶରତ ମହାନ୍ତି, ମାନସ ଦାସ, ରଞ୍ଜନ ପଣ୍ଡା, କଜରୁଲ ଖାଁ, ସୁରେଶ ଚନ୍ଦ୍ର ବଳ, ଶୁଭେନ୍ଦୁ ଧଳ, ଅଞ୍ଜଳି ଲେଙ୍କା, ସ୍ନିଗ୍ଧା ରାୟ ପ୍ରମୁଖ ଜିଲାପାଳଙ୍କୁ ଭେଟି ରାସ୍ତା ଓ ଡ୍ରେନ ନିର୍ମାଣ ନାଁ ରେ ଗଛକଟା ବନ୍ଦ କରାଯାଉ ବୋଲି ଦାବି କରି ସ୍ମାରକପତ୍ର ଦେଇଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ୨୦୧୮-୧୯ ଆର୍ଥିକ ବର୍ଷରେ ଭଦ୍ରକ ସହରର ମହତାବ ଛକ ନିକଟରୁ ଅପର୍ତ୍ତିବିନ୍ଧା ପର୍ଯ୍ୟନ୍ତ ରାସ୍ତା ଚଉଡା


ରୂପାୟନ ଓ ଉତ୍କଳମଣି ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଜିଲାପାଳ ଜ୍ଞାନ ରଞ୍ଜନ ଦାସଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ଜିଲାପାଳଙ୍କୁ ସ୍ମାରକପତ୍ର**

କରାଯାଇଛି। ରାସ୍ତାର ଉଭୟପାର୍ଶ୍ୱରେ ନିର୍ମାଣ ହେବାକୁ ଥିବା ଡ୍ରେନ୍ ପାଇଁ ଏବେ ୧୮ଟି ଗଛରୁ ୧୩ ଟି ଗଛ କଟା ହୋଇସାରିଲାଣି। ରାସ୍ତାକଡରେ ଶହେ, ଦେଢଶହ ବର୍ଷର ପୁରୁଣା ଗଛ ଥିବା ଯୋଗୁ ଗ୍ରାମାଞ୍ଚଳରୁ ଆସୁଥିବା ଲୋକ ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ମୁକ୍ତି ପାଇଥାନ୍ତି। ଏଣୁ ରାସ୍ତା ଓ ଡ୍ରେନ୍ ନିର୍ମାଣ ଲାଗି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଉ ବୋଲି ଏହି ଦୁଇ ଅନୁଷ୍ଠାନ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଜିଲାପାଳ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ରବିବାର ଏହି ଗଛକଟାକୁ ଉତ୍ସବ, ବିଏସ୍‌ଏସ୍, ଭଗତ ସେନା ଭଳି ବିଭିନ୍ନ ସଙ୍ଗଠନ ବିରୋଧ କରିଥିଲେ। ଏଥିଲାଗି ଗଛକଟା ବନ୍ଦ ରହିଛି।

## ନିଆଁରେ ପୋଡ଼ି ମହିଳା ଗୁରୁତର

ତିହିଡ଼ି, ୪।୬(ଡି.ଏନ୍.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଦୋଳସାହି ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ଗୋଟିଏ ବଖରା ଘର ପୋଡ଼ିଯାଇଛି। ସୁରେଶ ଗାହାଣଙ୍କ ପତ୍ନୀ ବନଲତା (୩୦) ନିଆଁରେ ପୋଡି ଯାଇ ଗୁରୁତର ଆହତ ହୋଇଛନ୍ତି। ସେ ମଧ୍ୟାହ୍ନରେ ରୋଷେଇ କରୁଥିବା ବେଳେ ରୋଷେଇ ଘରେ ନିଆଁ ଲାଗି ଯାଇଥିଲା। ରୋଷେଇ ଘରୁ ବାହାରି ନପାରି ବନଲତା ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ତିହିଡ଼ିରୁ ଦମକଳ ଯାଇ ନିଆଁକୁ ଆୟତ୍ତ କରିଥିଲା।

## ପରାଜୟ ପାଇଁ ନିଜକୁ ଦାୟୀ କଲେ ମନମୋହନ

ଆରଡି, ୪।୬, (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ଭାଜପା ପରାଜୟର କାରଣ ଖୋଜିବା ଲାଗି ସମୀକ୍ଷା ଆରମ୍ଭ କରିଛି। ମାତ୍ର ୮ ହଜାର ଭୋଟ ବ୍ୟବଧାନରେ ପରାଜୟ ବରଣ କରିଥିବା ଭାଜପା ପ୍ରାର୍ଥୀ ମନମୋହନ ସାମଲ ଏବେ ବିଭିନ୍ନ ପଞ୍ଚାୟତ ବୁଲି ଦଳର କର୍ମୀଙ୍କୁ ଭେଟୁଛନ୍ତି। ମଙ୍ଗଳବାର ସେ ଆରଡି, ନାନ୍ଦପୁର,ଓଲଗ ଓ ସୁନ୍ଦରପୁର ପଞ୍ଚାୟତକୁ ଯାଇ ପୃଥକ ପୃଥକ ଭାବେ ସମୀକ୍ଷା ବୈଠକ କରିଥିଲେ । ଦଳର ପରାଜୟ ଲାଗି ସେ ନିଜକୁ ଦାୟୀ କରି ଆଗାମୀ ସମବାୟ ନିର୍ବାଚନ, ଏନଏସି ନିର୍ବାଚନ ଓ ପଞ୍ଚାୟତ ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କୁ ଜିତାଇବା ଲାଗି ସମସ୍ତ କର୍ମକର୍ତ୍ତା ଏବେଠୁ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏଥିଲାଗି ଚଳିତ ସପ୍ତାହରେ ଓାର୍ଡ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସମୀକ୍ଷା ବୈଠକରେ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ଭାଜପା ନେତା କିଶୋର ନାୟକ, ବିଶ୍ୱକେଶରୀ ମହାନ୍ତ, ସଂଗ୍ରାମ ରାଉତ, ମିହିର ନାୟକ, ଶରତ ବେହୁରିଆ, ମନ୍ମଥ ନାୟକ,ସନ୍ଦୀପ ନାୟକ, ଦୁଷ୍ମନ୍ତ ବାରିକ, ଶଶାଙ୍କ ବେହୁରିଆ, ଦୁଃଶାସନ ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତି ପଞ୍ଚାୟତରୁ ପ୍ରାୟ ୧୫୦ କର୍ମକର୍ତ୍ତା ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।


ଓଳଗ ପଞ୍ଚାୟତ ସମୀକ୍ଷା ବୈଠକରେ ମନମୋହନ ଓ ଅନ୍ୟମାନେ।

# ପର୍ଯ୍ୟଟନ ସ୍ଥଳୀର ବିକାଶ ଲାଗି ସ୍ୱତନ୍ତ୍ର ଯୋଜନା ହେବ


ସମୀକ୍ଷା ବୈଠକରେ ପର୍ଯ୍ୟଟନ ମନ୍ତ୍ରୀ, ଜିଲାପାଳ, ଏମ୍‌ପି ଓ ବିଧାୟକ।

ଭଦ୍ରକ ଅଫିସ,୪।୬

ଭଦ୍ରକ ଜିଲାରେ ପର୍ଯ୍ୟଟନର ବିକାଶ ଲାଗି ସ୍ୱତନ୍ତ୍ର ଯୋଜନା କରିବା ସକାଶେ ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଜିଲାପାଳ ଓ ଜିଲା ପର୍ଯ୍ୟଟନ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ସୋମବାର ସେ ଦିନିକିଆ ଭଦ୍ରକ ଗସ୍ତରେ ଆସିବା ଅବସରରେ ମା' ଭଦ୍ରକାଳୀ ଓ ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଆରଡି, ଜିଲାର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରକୁ ଯେଭଳି ଅଧିକ ପର୍ଯ୍ୟଟକ ଆସବେ ସେଥିଲାଗି ଆବଶ୍ୟକ ପଦକ୍ଷେପ ନେବା ସକାଶେ ସେ ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀ ଜ୍ୟୋତିପ୍ରକାଶ ଅପରାହ୍ନରେ ଭଦ୍ରକରେ ପହଞ୍ଚି ପ୍ରଥମେ ଭଦ୍ରକାଳୀ ପୀଠକୁ ଯାଇ ମା'ଙ୍କୁ ଦର୍ଶନ କରିଥିଲେ । ସେଠାକାର ସେବାୟତମାନଙ୍କୁ ପୀଠର ବିଭିନ୍ନ ସୁବିଧା ଅସୁବିଧା ପଚାରି ବୁଝିଥିଲେ । ପରେ ଲୁଣିଆ ଶହୀଦ ପୀଠ ଦେଇ ଆରଡିକୁ ଯାଇଥିଲେ। ଏହି ଅବସରରେ ପାନ୍ଥିକା ପରିସରରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲାପାଳ ଜ୍ଞାନ ରଞ୍ଜନ ଦାସ, ଉପଜିଲାପାଳ ପୀତାମ୍ବର ସାମଲ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମକ୍ତିକାନ୍ତ ମଣ୍ଡଳ, ପୂର୍ବତନ ଜିଲା ପରିଷଦ ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲା ପର୍ଯ୍ୟଟନ ଅଧିକାରୀ ଶଶାଙ୍କ ଶେଖର ରଥ, ଜିଲା ସଂସ୍କୃତି ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୀଠଗୁଡିକର ବିକାଶ ସହିତ ଅଧିକରୁ ଅଧିକ ପର୍ଯ୍ୟଟକ ଯେଭଳି ଆସିବେ ସେ ନେଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ପାଣିଗ୍ରାହୀ ଗୁରୁତ୍ୱାରୋପ କରିଥିଲେ।

### ଶହୀଦ ପୀଠରେ ଶ୍ରଦ୍ଧାଞ୍ଜଳି

ଧାମନଗର/ଆରଡି,୩।୬(ଡି.ଏନ.ଏ.)

ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସୋମବାର ଭଦ୍ରକ ଜିଲା ଗସ୍ତରେ ଆସି ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ର ପରିଦର୍ଶନ କରିଥିଲେ। ସେ ଭଦ୍ରକ ଦେଇ ଧାମନଗର ବ୍ଲକ ଶହୀଦ ନଗର ପର୍ଯ୍ୟଟନସ୍ଥଳୀରେ ପହଞ୍ଚି ଲୁଣିଆ ଗୁଳିକାଣ୍ଡ ସ୍ଥଳୀରେ ଥିବା ଶହୀଦ ସ୍ମୃତିମଣ୍ଡପରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେଠାରେ ୩୦ ଲକ୍ଷ ଟଙ୍କା ବ୍ୟୟରେ ନବ ନିର୍ମିତ ଯାତ୍ରୀନିବାସ କାର୍ଯ୍ୟର ସମୀକ୍ଷା କରିଥିଲେ । ସ୍ମୃତି କମିଟି ଉପସଭାପତି ରଘୁନାଥ ଲେଙ୍କା ଯାତ୍ରୀନିବାସର ପରିମଳ ବ୍ୟବସ୍ଥା, ସୁରକ୍ଷିତ ପାଚେରି ଏବଂ ଯାତ୍ରୀଙ୍କ ପାଇଁ ଖାଦ୍ୟପେୟ ବ୍ୟବସ୍ଥା କରାଯିବା ଲାଗି ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଶହୀଦ ପୀଠକୁ ରାଜ୍ୟ ସରକାର ୨୦୧୭ରେ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରିଛନ୍ତି । ମନ୍ତ୍ରୀ ଜ୍ୟୋତି ପ୍ରକାଶଙ୍କ ଏହି ଗସ୍ତ କାଳରେ ଏମପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ , ତିହିଡି ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଅସୁରାଳୀ ଓ କୋଠାରରେ ମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଧୁଷୁରୀ ବଜାରସ୍ଥିତ ବିଜୁବାବୁଙ୍କ ପ୍ରତମୂର୍ତ୍ତିରେ ମନ୍ତ୍ରୀ ପୁଷ୍ପମାଲ୍ୟ ଅର୍ପଣ କରି ଆଖଣ୍ଡଳମଣି ପୀଠକୁ ଗସ୍ତ କରିଥିଲେ ।

### ବାବା ଆଖଣ୍ଡଳମଣିଙ୍କୁ ପୂଜାର୍ଚ୍ଚନା

ଆମ ଆରଡି ପ୍ରତିନିଧି ଜଣାଇଛନ୍ତି ଯେ, ମନ୍ତ୍ରୀ ଜ୍ୟୋତିପ୍ରକାଶ ଆସି ଆରଡି ବସଷ୍ଟାଣ୍ଡରେ ପହଞ୍ଚିବା ପରେ ଦଳୀୟ କର୍ମୀମାନେ ତାଙ୍କୁ ଶୋଭାଯାତ୍ରାରେ ପୀଠ ଅଭିମୁଖେ ନେଇ ଯାଇଥିଲେ। ସେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିର କାର୍ଯ୍ୟାଳୟରେ ପୀଠର ଉନ୍ନତି ନେଇ ଆଲୋଚନା କରିଥିଲେ । ସେବାୟତମାନେ ଅତିଥି ଗୃହ ପ୍ରତିଷ୍ଠା, ମନ୍ଦିର ସୁରକ୍ଷା, ଫୁଲ ବଗିଚାର ପୁନରୁଦ୍ଧାର, ଶିଶୁଉଦ୍ୟାନ ଓ ମ୍ୟୁଜିୟମ ପ୍ରତିଷ୍ଠା ଲାଗି ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଆରଡି ସରପଞ୍ଚ ଅରବିନ୍ଦ ପାଢୀ, ନାନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସରୋଜ ଦାସ, ଟ୍ରଷ୍ଟ ସଭ୍ୟ ଆଶିଷ ପାଢୀ, ସମିତି ସଭ୍ୟା ସବିତା ପାଢୀ, ମାନସ ରଞ୍ଜନ ପାଢୀ, କିଶୋରୀ ମୋହନ ପାଢୀ, ବିଭୂତି ପାଢୀ, ଦେବବ୍ରତ ପାଢୀ ପ୍ରମୁଖ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

